### ଲୁଣାନଦୀର ଦାନପୁର ସେତୁ ସଂଯୋଗୀକରଣ ରାସ୍ତାର ମୂଳଦୁଆ ପଡ଼ିଲା

# ୧୮ ବର୍ଷ ପରେ ଉଚ୍ଛେଦ ହେଲା ଜବରଦଖଲ

**ଡେରାବିଶ, ୫।୧(ସମିସ)**

ଡେରାବିଶ ବ୍ଲକ ଅନ୍ତର୍ଗତ ଲୁଣାନଦୀର ଦାନପୁର ଠାରେ ଥିବା ସେତୁର ସଂଯୋଗୀକରଣ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର ବାଟ ଫିଟିଲା। ଲୁଣାନଦୀ ସେତୁ ନିର୍ମାଣ ହେବାର ୧୮ ବର୍ଷ ପରେ ଆଜି ଡେରାବିଶ ତହସିଲ ପକ୍ଷରୁ ଅଧିକୃତ ଜମିରୁ ଜବରଦଖଲକାରୀଙ୍କୁ ସରକାର ଉଚ୍ଛେଦ କରି ସଂଯୋଗୀକରଣ ରାସ୍ତାର ମୂଳଦୁଆ ପକାଇଛନ୍ତି।

ଘଟଣାରୁ ପ୍ରକାଶ ଡେରାବିଶ ବ୍ଲକ ଅନ୍ତର୍ଗତ ଦାନପୁରଠାରେ ଲୁଣାନଦୀର ଏକ ସେତୁ ହେଲେ ଡେରାବିଶ ବ୍ଲକର ତିନିଗୋଟି ପଞ୍ଚାୟତ ସମେତ ଗରଦପୁର ବ୍ଲକର ୩ରୁ ଅଧିକ ପଞ୍ଚାୟତବାସୀ କଟକ-ଚାନ୍ଦବାଲି ରାଜରାସ୍ତାଦେଇ କଟକ ଓ କେନ୍ଦ୍ରାପଡ଼ାକୁ ଯାତାୟତ କରିପାରିବା ସହ କେନ୍ଦ୍ରାପଡ଼ାରୁ ଜଗତସିଂହପୁର ଜିଲ୍ଲାକୁ ସଂଯୋଗ ହୋଇ ପାରିବ। ଏହି ଉଦ୍ଦେଶ୍ୟରେ ଦାନପୁର ଠାରେ ଲୁଣାସେତୁର ଶୁଭ ଦିଆଯାଇଥିଲା। କିନ୍ତୁ ଏହି କାର୍ଯ୍ୟ ଆରମ୍ଭ ହୋଇ ବହୁ ବର୍ଷ ବନ୍ଦ ରହିବା ପରେ ୨୦୦୫ ମସିହାରେ ପୁନଃ ଆରମ୍ଭ ହୋଇଥିଲା। ସେତେବେଳେ ଲୁଣାସେତୁ ସହ କେନ୍ଦ୍ରାପଡ଼ା କେନାଲ୍ ଉପରେ ଏକ ପୋଲ ନିର୍ମାଣ କରାଯାଇ ଚାନ୍ଦୋଳ, ଦାନପୁର ରାସ୍ତାକୁ ସଂଯୋଗ କରିବା ପାଇଁ



ଦାନପୁର ଅଞ୍ଚଳର କିଛି ବ୍ୟକ୍ତିଙ୍କ ଜମି ଅଧିଗ୍ରହଣ କରାଯାଇଥିଲା। ସେତେବେଳେ ସେମାନଙ୍କ ମଧ୍ୟରୁ ଜଣେ ବାଦ ପଡ଼ୁଥିବା କାରଣରୁ ସଂଯୋଗୀକରଣ ରାସ୍ତା କାର୍ଯ୍ୟ ବନ୍ଦ କରିବାକୁ ଉଚ୍ଚନ୍ୟାୟାଳୟରୁ ୨୦୦୫ରେ ସ୍ଥଗିତାଦେଶ ଆଣିଥିଲେ। କିନ୍ତୁ ସଂଯୋଗୀକରଣ ରାସ୍ତା ହୋଇନପାରିଥିବାରୁ ଲୁଣାନଦୀ ସେତୁ କାର୍ଯ୍ୟକ୍ଷମ ହୋଇପାରିନଥିଲା। ଉଚ୍ଚନ୍ୟାୟାଳୟରେ ମାମଲା ରହିଥିବାରୁ ସରକାର ବାଧ ହୋଇ କେନ୍ଦ୍ରାପଡ଼ା କେନାଲ୍ ବନ୍ଧ ଓ ବିପଦସଙ୍କୁଳ ଲକ ବାଟ ଦେଇ ସେତୁକୁ ଉଦ୍‌ଘାଟନ କରିଥିଲେ। ସେବେଠାରୁ ଅଞ୍ଚଳବାସୀ ସଂଯୋଗୀକରଣ ରାସ୍ତା ନିର୍ମାଣ ପାଇଁ ଦାବି କରି ଆସୁଥିଲେ। ଗତବର୍ଷ ଡିସେମ୍ବର ୧ ତାରିଖରେ ଉଚ୍ଚନ୍ୟାୟାଳୟରେ ହୋଇଥିବା ମାମଲାଟି ଖାରଜ ହେବା ପରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ତତ୍ପରତା ପ୍ରକାଶ କରି ଅଧିକୃତ ଜମିରୁ ଜବରଦଖଲକାରୀଙ୍କୁ ଉଚ୍ଛେଦ ପାଇଁ ଡେରାବିଶ ତହସିଲଦାରଙ୍କୁ ଅନୁରୋଧ କରିଥିଲେ। ତହସିଲ ପକ୍ଷରୁ ଜମି ଚିହ୍ନଟ କରାଯାଇ ଜବରଦଖଲକାରୀଙ୍କୁ ନୋଟିସ୍ କରାଯାଇଥିଲା। ଆଜି ସକାଳ ୯ଟାରେ ଡେରାବିଶ ତହସିଲଦାର ପ୍ରଜ୍ଞାପାରମିତା ପୃଷ୍ଟି, ଅତିରିକ୍ତ ତହସିଲଦାର ନାରାୟଣ ଦିକ୍ଷିତ, ରାଜନଗର ତହସିଲଦାର ଅଜୟ କୁମାର ମହାନ୍ତି ଓ ଦାନପୁର, ଚାନ୍ଦୋଳ, ହରିଅଙ୍କ, ରତାଦିଆଖଣ୍ଡ ସାହି ରାଜସ୍ୱ ନିରୀକ୍ଷକଙ୍କ ଓ ଗୃହ ନିର୍ମାଣ ବିଭାଗର ଉପଖଣ୍ଡ ଅଧିକାରୀ ଇଂ ଅଶୋକ କୁମାର ବିଶ୍ୱାଳ, ସହକାରୀ ଯନ୍ତ୍ରୀ ଇଂ ବିକ୍ରମ କେଶରୀ ସ୍ୱାଇଁ ଉପସ୍ଥିତ ରହି ଉଚ୍ଛେଦ କାର୍ଯ୍ୟ ପରିଚାଳନା କରିଥିଲେ। ଆଇନ ଶୃଙ୍ଖଳା ଦାୟିତ୍ୱରେ କେନ୍ଦ୍ରାପଡ଼ା ସଦର ଥାନା ଅଧିକାରୀ ସରୋଜ କୁମାର ସାହୁଙ୍କ ନେତୃତ୍ୱରେ କୁଦାନଗରୀ ଥାନା ଅଧିକାରୀ ଅମ୍ବିକା ପ୍ରସାଦ ଦାସ, ଚାନ୍ଦୋଳ ଫାଣ୍ଡି ଅଧିକାରୀ ସୌମ୍ୟରଞ୍ଜନ ପାଣିଗ୍ରାହୀ, ସଦର ଥାନା ଏସ୍‌ଆଇ ବିଶ୍ୱଭୂଷଣ ସାହାଣୀ, ଚାନ୍ଦୋଳ ଫାଣ୍ଡି କର୍ମଚାରୀ ନିହାର ରଞ୍ଜନ ପ୍ରଧାନ, ରନ କୁମାର ବେହେରା ନେତୃତ୍ୱରେ ୧ ପ୍ଲାଟୁନ ପୋଲିସ୍ ଫୋର୍ସ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟପାଇଁ ୨ଲକ୍ଷ ୨୦ ହଜାର ଟଙ୍କା ବ୍ୟୟ ବରାଦ କରାଯାଇ ଦୁଇଟି ଜେସବି ମେସିନ୍ ନିୟୋଜିତ ହୋଇଥିଲା।

## ଜିଲ୍ଲାସ୍ତରୀୟ ଧାନମଣ୍ଡି ଉଦ୍‌ଘାଟିତ



**କେନ୍ଦ୍ରାପଡ଼ା, ୫।୧(ସମିସ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଜମଧର ଗ୍ରାମପଞ୍ଚାୟତର ନିୟନ୍ତ୍ରିତ ବଜାର କମିଟି ପରିସରରେ ଆଜି ଚଳିତ ଖରିଫ ବର୍ଷ ପାଇଁ ଜିଲ୍ଲାସ୍ତରୀୟ ଧାନମଣ୍ଡି ଉଦଘାଟିତ ହୋଇଛି। ଉପଜିଲ୍ଲାପାଳ ତଥା ନିୟନ୍ତ୍ରିତ ବଜାର କମିଟିର ସଭାପତି ରବୀନ୍ଦ୍ର କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଯୋଗଦେଇ ଏହି ଧାନମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ସାରା ଜିଲ୍ଲାରେ ଏ ସମ୍ପର୍କରେ ସଚେତନତା ପାଇଁ ଉଦ୍ଦିଷ୍ଟ ଏକ ସଚେତନତା ରଥର ମଧ୍ୟ ଶୁଭାରମ୍ଭ କରିଥିଲେ। ଚଳିତବର୍ଷ ଜିଲ୍ଲାରେ ଖୋଲାଯାଇଥିବା ୧୧୮ଟି ଧାନମଣ୍ଡିରେ ଧାନକ୍ରୟ ନିମନ୍ତେ ନିଜ ନାମ ପଞ୍ଜିକରଣ କରିଥିବା ଜିଲ୍ଲାର ୪୦୯୦୯ଜଣ ଚାଷୀ ଆସନ୍ତା ମାର୍ଚ୍ଚ ୩୧ତାରିଖ ପର୍ଯ୍ୟନ୍ତ ସେମାନଙ୍କ ଧାନ ବିକ୍ରୟ କରିପାରିବେ। ଚଳିତବର୍ଷ ଏଫ୍‌ଏକ୍ୟୁମାନର ସାଧାରଣ ଧାନ କୁଇଣ୍ଟାଲ ପ୍ରତି ୨ହଜାର ୧୮୩ଟଙ୍କା ଥିବାବେଳେ 'ଏ'ଗ୍ରେଡ ଧାନ କୁଇଣ୍ଟାଲ ପିଛା ୨୨୦୩ ଟଙ୍କା ରହିଛି। ଆଜି ପ୍ରଥମ ଚାଷୀ ଭାବେ ଜମଧର ମଣ୍ଡିରେ ଜଣ୍ଟିଲୋ ଗ୍ରାମର ଅକ୍ଷୟ କୁମାର ପରିଡ଼ା ତାଙ୍କର ୧୫ କୁଇଣ୍ଟାଲ ଧାନ ବିକ୍ରୟ କରିଥିଲେ। ଧାନମଣ୍ଡି ଗୁଡିକ ସପ୍ତାହରେ ୩ଦିନ ମାତ୍ର ଖୋଲା ରହିବ। ଯେଉଁ ୩ଦିନ ଖୋଲା ରହିବ ତାହା ସମ୍ପୃକ୍ତ ସମବାୟ ସମିତିର ପରିଚାଳନା କମିଟି ନିଷ୍ପତ୍ତି ଗ୍ରହଣ କରିବ। ଏହି ଉତ୍ସବରେ ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ସନ୍ତୋଷ ଦାସ, ନିୟନ୍ତ୍ରିତ ବଜାର କମିଟିର ଭାରପ୍ରାପ୍ତ ସମ୍ପାଦକ ସଚ୍ଚିଦାନନ୍ଦ ଜେନା, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଅମର କୁମାର ନାୟକ, ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତିର ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟିର ସମସ୍ତ କର୍ମଚାରୀ ଓ ଚାଷୀମାନେ ଉପସ୍ଥିତ ଥିଲେ।

### ■ ମହିଳାଙ୍କୁ ନିର୍ଯାତନା; ହତ୍ୟା ଉଦ୍ୟମ ଅଭିଯୋଗ

## କାର୍ଯ୍ୟାନୁଷ୍ଠାନ ନେଲାନି ପୁଲିସ, ଜିଲ୍ଲାପାଳଙ୍କୁ ଫେରାଦ

**କେନ୍ଦ୍ରାପଡ଼ା, ୫।୧(ସମିସ):** ଜଣେ ବିଧବା ମହିଳାଙ୍କ ସମ୍ପତ୍ତି ହଡ଼ପ କରିବାକୁ ଶାରିରୀକ ଆଉ ମାନସିକ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, କେନ୍ଦ୍ରାପଡ଼ା ଜିଲ୍ଲା ସଦର ଥାନା ଅଧିନ ଇଦାଳ ଅଞ୍ଚଳର ୫୮ ବର୍ଷିୟା ବିଧବା ମହିଳା ପ୍ରତିମା ଦାଶଙ୍କ ସହିତ ଏହିଭଳି ଘଟଣା ଘଟିଛି। ଗତ ୨ବର୍ଷ ତଳେ କୋଭିଡ୍‌ରେ ପ୍ରତିମାଙ୍କ ସ୍ୱାମୀଙ୍କର ମୃତ୍ୟୁ ହୋଇଥିଲା। ମୃତ ସ୍ୱାମୀଙ୍କ ଭାଇ ପରିବାର ସହିତ ଅତି ଦୁଃଖ କଷ୍ଟରେ ଗୋପାଳନ କରି ଚଳୁଛନ୍ତି। ହେଲେ ସେହି ଅଞ୍ଚଳର ଅଭିଯୁକ୍ତ ତାଙ୍କ ପତ୍ନୀ ଆଉ ପୁଅ ମିଳିମିଶି ବିଧବା ମହିଳାଙ୍କୁ ବିନା କାରଣରେ ମାଡ଼ ମାରୁଛନ୍ତି। ଘରୁ ତଡିଦେବା ପାଇଁ ପ୍ରତିମାଙ୍କ ଘରର କବାଟ ଏବଂ ଝରକା ଭାଙ୍ଗି ଦେଇଛନ୍ତି। ଏମିତିକି ଅଭିଯୁକ୍ତମାନେ ପ୍ରତିମାଙ୍କ ଘରର ଗ୍ରୀଲରେ କରେଣ୍ଟ ଚାର୍ଜ କରି ତାଙ୍କୁ ମାରିବାକୁ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ବାରମ୍ବାର ନିର୍ଯାତନା ପରେ ପ୍ରଥମେ ଚାନ୍ଦୋଳ ଫାଣ୍ଡି ଏବଂ ସଦର ଥାନାରେ ପ୍ରତିମା ଲିଖିତ ଅଭିଯୋଗ କରିଥିଲେ। ହେଲେ ଥାନାକୁ ଦୌଡ଼ି ଦୌଡି ସେ ନିରାଶ ହୋଇଛନ୍ତି। ପୁଲିସ ଉପରୁ ଭରସା ଉଠିଯିବାରୁ ମହିଳା ଜଣଙ୍କ ଜିଲ୍ଲାପାଳଙ୍କୁ ଏକ ଲିଖିତ ଅଭିଯୋଗ ଦେଇଛନ୍ତି।

## ମିଲେଟ୍ ମିଶନ ରଥ ଉଦ୍‌ଘାଟନ ଓ ମାଣ୍ଡିଆ ଅମଳ ଉତ୍ସବ

**ଡେରାବିଶ, ୫।୧(ସମିସ):** ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ହରିଅଙ୍କର ବିଳାଶୁଣି ମନ୍ଦିରରେ ଓଡ଼ିଶା ମିଲେଟ୍ ମିଶନ ପକ୍ଷରୁ ମାଣ୍ଡିଆ ଅମଳ ଉତ୍ସବ ପାଳନ କରାଯାଇଛି। ଏହି ଉପଲକ୍ଷେ ପୂର୍ବାହ୍ନରେ ଅନୁଷ୍ଠିତ ଅଧିବେଶନରେ ଶାନ୍ତିମୈତ୍ରୀ ସ୍ୱେଚ୍ଛାସେବୀ ଅନୁଷ୍ଠାନର ନିର୍ଦ୍ଦେଶକ ଭଗବାନ ଜେନାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଡେରାବିଶ ବ୍ଲକ ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ସମ୍ମାନିତ ଅତିଥିଭାବେ ବ୍ଲକ ଆତ୍ମା ଅଧ୍ୟକ୍ଷ ଗଣେଶ୍ୱର ବେହେରା, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ କୁମାର ରଥ, ଅରବିନ୍ଦ ମଲିକ, ହରିଅଙ୍କ ସରପଞ୍ଚ



କନକଲତା ପ୍ରଧାନ, ସମିତିସଭ୍ୟା ସଂଯୁକ୍ତା ଜେନା, ସୁଖଦାନନ୍ଦ ପ୍ରଧାନ, ଯୁଗଳ କିଶୋର ମହାନ୍ତି, ଗୋଲଖ ଚନ୍ଦ୍ର ସ୍ୱାଇଁ, କେନ୍ଦ୍ରାପଡ଼ା ଜିଲ୍ଲା କୃଷି ଅଧିକାରୀ ମନୋରଞ୍ଜନ ରାଉତ, ଡେରାବିଶ ବ୍ଲକ କୃଷି ଅଧିକାରୀ ବନଲତା ବେହେରା, ସହ-କୃଷି ଅଧିକାରୀ ସସ୍ମିତା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସଭାରେ ଅତିଥିଗଣ ମାଣ୍ଡିଆ ସମେତ ଅନ୍ୟ କ୍ଷୁଦ୍ର ଶସ୍ୟ ତଥା ବାଜରା, କୋଦ, ଚିନା, ଖାରା, ସୁଆଁ, କାଙ୍ଗୁ ପ୍ରମୁଖ ଶସ୍ୟ ଉତ୍ପାଦନ ପାଇଁ ମିଲେଟ ମିଶନ ମାଧ୍ୟମରେ ଦିଆଯାଉଥିବା ସରକାରୀ ପ୍ରୋତ୍ସାହନ ସମ୍ପର୍କରେ ବକ୍ତବ୍ୟ ରଖିବା ସହ ଏହି ଶସ୍ୟ ଦ୍ୱାରା ପ୍ରସ୍ତୁତ ଖାଦ୍ୟର ଉପକାର ଓ ଉପଯୋଗ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଅଞ୍ଚଳର ମାଣ୍ଡିଆ ଚାଷୀ ସୁଧୀର କୁମାର ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରାହ୍ନ ଅଧିବେଶନରେ ପାଟକୁରା ବିଧାୟିକାଙ୍କ ପ୍ରତିନିଧି ତଥା ବିଜେଡ଼ି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୟ ଅଗ୍ରୱାଲ୍ ମୁଖ୍ୟ ଅତିଥିଭାବେ ଯୋଗଦେଇ ମିଲେଟ ମିଶନ ରଥକୁ ସ୍ୱାଗତ କରିବା ସହ ସବୁଜ ସଙ୍କେତ ଦେଇ ବ୍ଲକ ଅଞ୍ଚଳରେ ରଥ ପରିକ୍ରମା ପାଇଁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଶ୍ରୀ ଅଗ୍ରୱାଲ ମିଲେଟ୍ ପ୍ରସ୍ତୁତ କେକ କାଟିବା ସହ ମିଲେଟ୍‌ରେ ନିର୍ମିତ ବିଭିନ୍ନ ପିଠାକୁ ଉପସ୍ଥିତ ଲୋକଙ୍କୁ ବଣ୍ଟନ କରିଥିଲେ। ତାଙ୍କ ସାଥିରେ ଜିଲ୍ଲା ପରିଷଦ ସଦସ୍ୟ ସତ୍ୟାନନ୍ଦ ରାଉତ ଯୋଗଦେଇଥିଲେ। ଶେଷରେ ପ୍ରସାଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ବିଏସ୍‌କେୱାଇ ନବୀନ କାର୍ଡ ସଚେତନତା ରଥର ଶୁଭାରମ୍ଭ

**କେନ୍ଦ୍ରାପଡ଼ା, ୫।୧(ସମିସ):** ପ୍ରତିଟି ଜୀବନ ମୂଲ୍ୟବାନ- ରାଜ୍ୟ ସରକାରଙ୍କ ଏହି ଆଭିମୁଖ୍ୟକୁ ସଫଳ କରିବାକୁ ଶୁକ୍ରବାର ବିଏସ୍‌କେୱାଇ ନବୀନ କାର୍ଡ ସଚେତନତା ରଥର ଶୁଭାରମ୍ଭ ହୋଇଛି।

ଯେଉଁ ଗ୍ରାମୀଣ ପରିବାର ବିଏସ୍‌କେୱାଇ ଅନ୍ତର୍ଭୁକ୍ତ ହୋଇନଥିବେ ସେମାନେ ବିଏସ୍‌କେୱାଇ ନବୀନ କାର୍ଡ ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ଏହି ସଚେତନତା ରଥ ଜିଲ୍ଲାର ସମସ୍ତ ଗ୍ରାମୀଣ ଅଞ୍ଚଳରେ ସଚେତନତାର ବାର୍ତ୍ତା ବଣ୍ଟନ କରିବ। ଜିଲ୍ଲା କାର୍ଯ୍ୟାଳୟର ପରିସରରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ପତାକା ଦେଖାଇ ଏହି ରଥର ଶୁଭ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲ, ମୁଖ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ କେନ୍ଦ୍ରାପଡ଼ା ରାଜେନ୍ଦ୍ର କୁମାର ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଅନିତା ପଟ୍ଟନାୟକ, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ




ଅଧିକାରୀ ଅଞ୍ଜଳୀ ତରାଇ, ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ସଚ୍ଚିଦାନନ୍ଦ ମିଶ୍ର, ଡ଼ା. ନୃପେନ ଶତପଥୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସତ୍ୟଭାମା ସେଠୀ ଓ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିଆରସିଂହ, ଜିଲ୍ଲା ସ୍ୱାସ୍ଥ୍ୟ ସମିତିର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ବିଏସ୍‌କେୱାଇ ନବୀନ କାର୍ଡରେ ପ୍ରତି ପରିବାର ପାଇଁ ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳା ସଦସ୍ୟମାନଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେୟମୁକ୍ତ ଚିକିତ୍ସା ପ୍ରାବଧାନ କରାଯାଇଛି। ବିଏସକେୱାଇ ନବୀନ କାର୍ଡ ମାଧ୍ୟମରେ ଏହି ସୁବିଧା ୨୦୨୪ ମସିହା ମେ ମାସ ୧ତାରିଖ ଠାରୁ ପ୍ରାପ୍ତ ହେବ। ବିଏସକେୱାଇ ନବୀନ କାର୍ଡ ପାଇଁ www.bskynabin.odisha.gov.in ପୋର୍ଟାଲ ୦୬ ଜାନୁଆରୀରେ ଖୋଲିବ ଏବଂ ୧୬ ଜାନୁଆରୀ ତାରିଖ ଦିନ ଆବେଦନ ବନ୍ଦ ହେବ ବୋଲି ସୂଚନା ଦିଆଯାଇଛି।

## ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପ ପରିଦର୍ଶନ କରିବେ ରାଜ୍ୟପାଳ

**ଡେରାବିଶ, ୫।୧(ସମିସ):** ଓଡ଼ିଶାର ମାନ୍ୟବର ରାଜ୍ୟପାଳ ରଘୁବର ଦାସ ଆସନ୍ତା କାଲି କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନକୁ ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଡେରାବିଶ ବ୍ଲକ ଅଧୀନ ଗୁଆଳସିଂ ଠାରେ ଥିବା ଜିଲ୍ଲା ସଂସ୍କୃତି ଭବନରେ ସନ୍ଧ୍ୟା ୫ଟା ୩୦ ମିନିଟ୍‌ରେ ପହଞ୍ଚିବା ସହ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାଙ୍କ ସହ ମତବିନିମୟ ଓ ମହିଳା ଶସକ୍ତକରଣ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିବେ। ପରେ ବ୍ଲକ ଅଧୀନ ଗୋଲରାହାଟ ପଞ୍ଚାୟତରେ ଥିବା ଉତ୍କଳ ଗ୍ରାମୀଣ ପ୍ରଡ୍ୟୁସର୍ସ ଗ୍ରୁପ୍‌କୁ ସନ୍ଧ୍ୟା ୬ଟାରେ ପରିଦର୍ଶନ କରିବା ସହ ଗ୍ରୁପର ମହିଳା ସଦସ୍ୟାଙ୍କ ଦ୍ୱାରା ପ୍ରସ୍ତୁତ ଘରକରଣା ସାମଗ୍ରୀ ବୁଲି ଦେଖିବା ସହ ଗ୍ରୁପର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟା ୬ଟା ୩୦ରେ ଭୁବନେଶ୍ୱର ଅଭିମୁଖେ ରାଜ୍ୟପାଳ ପ୍ରତ୍ୟାବର୍ତ୍ତନ କରିବେ ବୋଲି ରାଜଭବନରୁ ପ୍ରକାଶିତ ରାଜ୍ୟପାଳଙ୍କ କାର୍ଯ୍ୟସୂଚୀରୁ ଜଣାଯାଇଛି।

## ଜନଶକ୍ତି ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ମାର୍ଶାଘାଇ, ୫।୧(ସମିସ):** ମାର୍ଶାଘାଇ ବ୍ଲକ ପେଣ୍ଠ ଜନଶକ୍ତି ସରକାରୀ ଉଚ୍ଚ ବିଦ୍ୟାଳୟ ୨୦୨୪ ବାର୍ଷିକ କ୍ରୀଡ଼ା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ନିରଞ୍ଜନ ମହାରଣା ୨ଦିବସୀୟ ବାର୍ଷିକ କ୍ରୀଡ଼ାକୁ ଉଦଘାଟନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣକରିଥିଲେ। ବାଳକ ବିଭାଗରେ ରୁଦ୍ର ପ୍ରସାଦ ନାୟକ, ବାଳିକା ବିଭାଗରେ ଜ୍ୟୋତିସ୍ମିତା ଯେନା ଚମ୍ପିଅନ ହୋଇଛନ୍ତି। କ୍ରୀଡ଼ା ଶିକ୍ଷିକା ଦେବସ୍ମିତା ନାୟକଙ୍କ ତତ୍ତ୍ୱାବଧାନରେ ବାର୍ଷିକ କ୍ରୀଡ଼ା ସଫଳତାର ସହ ପରିଚାଳିତ ହୋଇଥିଲା। ବରିଷ୍ଠ ଶିକ୍ଷକ ଦିଲ୍ଲୀପ୍ କୁମାର ଦାସ, ପ୍ରଶାନ୍ତ କୁମାର ମହାନ୍ତି, ଅଶୋକ କୁମାର ପରିଡ଼ା, ଜଗନ୍ନାଥ ମଲ୍ଲିକ୍, ଶିକ୍ଷୟିତ୍ରୀ ନଳିନୀପ୍ରଭା ସାହୁ, ରଶ୍ମିତା ସାମଲ, ହେନାମରୀ ସ୍ୱାଇଁ, ବନଲତା ସାହୁ, ଲକ୍ଷ୍ମୀପ୍ରିୟା ଦାସ ପ୍ରମୁଖ ସହଯୋଗ କରିଥିଲେ।

## ଜାଭିୟର ଇଣ୍ଟରନ୍ୟାସନାଲ ସ୍କୁଲର କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ଆଳି, ୫।୧(ସମିସ):** ଆଳି ଜାଭିୟର ଇଣ୍ଟରନେସନାଲ ପବ୍ଲିକ ସ୍କୁଲରେ ଦୁଇଦିନ ଧରି ଚାଲିଥିବା ବାର୍ଷିକ ଉତ୍ସବ ର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆଳି ବ୍ଲକ ଶିକ୍ଷାଧିକାରୀ ନଳିନୀ ରଞ୍ଜନ ରାଉତ ରାୟ, ସମ୍ମାନିତ ଅତିଥି ଭାବେ ଡାକ୍ତର ରାଜଲକ୍ଷ୍ମୀ ଶର୍ମା ଓ ବିଦ୍ୟାଳୟର ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ବିଦ୍ୟାଳୟ ପ୍ରଶାସିକା ଜୟଶ୍ରୀ ପଣ୍ଡା, ଇଂରାଜୀ ବିଭାଗ ମୁଖ୍ୟ ଅର୍ଜୁନ ବିଶ୍ୱାଳ ଉପସ୍ଥିତ ଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଦୁର୍ଯ୍ୟୋଧନ ଦାଶ ଅତିଥି ପରିଚୟ ଓ ସ୍ୱାଗତଭାଷଣ ଦେଇଥିଲେ। କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମର ଉଦଘୋଷକ ଭାବେ ଅଲିଭା ଦାସ ଓ ସ୍ୱପ୍ନା ଶୁଭଦର୍ଶନୀ ପ୍ରଧାନ ଓ କ୍ରୀଡା ପରିଚାଳନା କରିଥିଲେ ପ୍ରବୀର ସ୍ୱାଇଁ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ସ୍ୱାଧୀନ ଦାସ ଓ ରଶ୍ମିତା ଦାସ। ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ବିଦ୍ୟାଳୟ କର୍ମଚାରୀ ସହଯୋଗ କରିଥିଲେ।




## ଚରପଡ଼ା ଆର୍‌ଆଇଙ୍କ ଲାଞ୍ଚ ନେବା ଭିଡ଼ିଓ ଭାଇରାଲ

ରାଜକନିକା/ଓଳାଭର, ୫।୧(ସମିସ): କନିକା ତହସିଲ ଅର୍ନ୍ତଗତ ଚରପଡ଼ା ଆର୍‌ଆଇ ଆର୍ଯ୍ୟ କୁମାରଙ୍କ ଲାଞ୍ଚ ନେବା ବେଳର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ଏନେଇ କନିକା ତହସିଲରେ ମଧ୍ୟ ଏକ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଚରପଡ଼ା ଆର୍‌ଆଇ ଏକ ସରକାରୀ ଜମି ଅ ବରୋଧ ସମ୍ବନ୍ଧୀୟ ପ୍ରସଙ୍ଗ



ଉପରେ ଦୁଇ ହଜାର ଟଙ୍କା ହାତଗୁଞ୍ଜା ମାଗୁଥିବା ନେଇ ଅଭିଯୋଗକାରୀ ଦର୍ଶାଇଛନ୍ତି। ଯେହେତୁ ସରକାରୀ ଜମିଟି ତାଙ୍କର ଆବଶ୍ୟକତା ଥିବାରୁ ସେ ଅବରୋଧ କରିବା ପରେ ବାଧ ହୋଇ ହଜାରେ ଟଙ୍କାରେ ମୂଲଚାଲ ଛିଡିଥିଲା। ତେବେ ଆର୍‌ଆଇ ଆର୍ଯ୍ୟକୁମାରଙ୍କୁ ଭେଟି ବ୍ୟକ୍ତିଜଣଙ୍କ ୬ଶହ ଟଙ୍କା ଦେଇଥିବା ସତ୍ତ୍ୱେ ସେ ଆଉ ଗୋଟେ ଦିଅନ୍ତୁ କହି ଟଙ୍କାତକ ପକେଟରେ ରଖୁଥିବା ସ୍ପଷ୍ଟ ଭାବେ ଭିଡ଼ିଓରେ ଦୃଶ୍ୟମାନ ହେଉଛି। ତେବେ ସାମାଜିକ ଗଣମାଧ୍ୟମରେ ଏଭଳି ଭିଡିଓ ଭାଇରାଲ ହେବାପରେ ଏ ସମ୍ପର୍କରେ ତାଙ୍କୁ ଯୋଗାଯୋଗ କରିବାକୁ କଣ୍ଡିଆସ୍ଥିତ କାର୍ଯ୍ୟାଳୟରେ ପହଞ୍ଚିବାରୁ ସେ ଉପସ୍ଥିତ ନଥିବାରୁ ଯୋଗାଯୋଗ ହୋଇ ପାରିନାହିଁ। ତାଙ୍କ ମୋବାଇଲକୁ ଫୋନ କରିଥିଲେ ମଧ୍ୟ ସେ ନ ଉଠାଇବାରୁ ମତାମତ ମିଳିପାରିନାହିଁ। କନିକା ତହସିଲଦାର ଅଶୋକ ଦେହୁରୀଙ୍କ ପ୍ରତିକ୍ରିୟା ନେବାରୁ ତାଙ୍କପାଖେ ଏକ ଅଭିଯୋଗ ପହଞ୍ଚିଛି, ତେବେ ବର୍ତ୍ତମାନ ସେ ବିଶେଷ ଅଡିଟ୍‌ରେ ବ୍ୟସ୍ତ ଥିବାରୁ ପରବର୍ତ୍ତୀ ସମୟରେ ତଦନ୍ତ କରାଯିବ ବୋଲି କହିଥିଲେ।

# ଜିଲ୍ଲାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ

### ■ ଉପସ୍ଥିତ ରହିଲେ ରାଜନୈତିକ ଦଳର ପ୍ରତିନିଧି

**କେନ୍ଦ୍ରାପଡ଼ା, ୫।୧(ସମିସ):** ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଆଜି କେନ୍ଦ୍ରାପଡ଼ା ଜିଲ୍ଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ଫାଇନାଲ ଭୋଟର ତାଲିକା ପ୍ରକାଶ କରାଯାଇଛି। ଏହି ଅବସରରେ ଭୋଟର ପଞ୍ଜିକରଣ ଅଧିକାରୀ ତଥା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ ସୂଚନା ଦେଇଥିଲେ ଯେ, ଜାନୁଆରୀ ପହିଲା ସୁଦ୍ଧା ଜିଲ୍ଲାର ମୋଟ ୧୨ଲକ୍ଷ ୫୫ହଜାର ୮୯ଜଣ ଭୋଟରଙ୍କ ନାମ ପଞ୍ଜିକରେଣ କରାଯାଇଛି।



ସେମାନଙ୍କ ମଧ୍ୟରୁ ୬ଲକ୍ଷ ୫୨ହଜାର ୩୬୮ଜଣ ପୁରୁଷ, ୬ଲକ୍ଷ ୨ହଜାର ୬୬୯ଜଣ ମହିଳା ଓ ୫୨ଜଣ କିନ୍ନର ଅଛନ୍ତି। ଚଳିତମାସ ପହିଲା ସୁଦ୍ଧା ୧୮ ବର୍ଷ ପୁରଣ କରିଥିବା ୫୨ହଜାର ୭୬୬ଜଣଙ୍କ ନାମ ନୂତନ ଭାବେ ପଞ୍ଜିକୃତ ହୋଇଥିବା ବେଳେ ୨୪ହଜାର ୭୭୯ଜଣଙ୍କ ନାମ ବିଭିନ୍ନ କାରଣରୁ ଭୋଟର ତାଲିକାରୁ ବାଦ ଦିଆଯାଇଛି। ଏହି ଭୋଟର ତାଲିକାରେ ୧୮ ରୁ ୧୯ ବର୍ଷ ବୟସ୍କ ଯୁବ ଭୋଟରଙ୍କ ସଂଖ୍ୟା ୨୫ହଜାର ୪୪୪। ଏହି ଭୋଟର ତାଲିକାରେ ଲିଙ୍ଗ ଅନୁଯାୟୀ ପ୍ରତି ହଜାରରେ ୯୨୪ଜଣ ମହିଳା ଥିବା ବେଳେ ୮୯୭ଜଣ ପୁରୁଷ ରହିଛନ୍ତି। ସେହିଭଳି ଜିଲ୍ଲାରେ ୧୧ହଜାର ୧୨ଜଣ ଭିନ୍ନକ୍ଷମ ଭୋଟର ଥିବା ବେଳେ ୮୦ବର୍ଷ ଏବଂ ତଦୁର୍ଦ୍ଧ ବୟସର ବରିଷ୍ଠ ନାଗରିକ ଭୋଟରଙ୍କ ସଂଖ୍ୟା ହେଉଛି ୩୧ ହଜାର ୬୨୪। ଜିଲ୍ଲାରେ ପୂର୍ବରୁ ୧୪୩୮ଟି ଭୋଟ ଗ୍ରହଣ କେନ୍ଦ୍ର ଥିବା ବେଳେ ଏବେ ତାହା ବୃଦ୍ଧି ପାଇ ୧୪୪୫ଟି ଭୋଟ ଗ୍ରହଣ କେନ୍ଦ୍ର କରାଯାଇଛି। ଚଳିତ ଥର କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରଥମ ଥର ପାଇଁ ଭୋଟ ଗ୍ରହଣ ନିମନ୍ତେ ଧାର୍ଯ୍ୟ ହୋଇଥିବା ତାରିଖର ଏକମାସ ପୂର୍ବରୁ ଏକ ୬ଜଣିଆ ଟିମ ଭିନ୍ନକ୍ଷମ ଏବଂ ୮୦ବର୍ଷରୁ ଉର୍ଦ୍ଧ୍ୱ ଭୋଟରଙ୍କ ଘରକୁ ଯାଇ ପୋଷ୍ଟାଲ ବାଲାଟ ଭୋଟ କରାଇବା ସହିତ ସେମାନଙ୍କ ଠାରୁ ବାଲାଟପେପର ଗ୍ରହଣ କରିବାକୁ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ନିର୍ଦ୍ଦେଶରେ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ଭୋଟର ପଞ୍ଜିକରଣ ଅଧିକାରୀ ଶ୍ରୀ ପ୍ରଧାନ ସୂଚନା ଦେଇଥିଲେ। ଏହି ଉପଲକ୍ଷେ ଭୋଟର ପଞ୍ଜିକରଣ ଅଧିକାରୀ ଶ୍ରୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କଂଗ୍ରେସ ଦଳର ଜିଲ୍ଲା ଉପସଭାପତି ପ୍ରଫୁଲ୍ଲ କୁମାର ଦାସ, ସିପିଆଇ(ଏମ)ର ଜିଲ୍ଲା ସାଧାରଣ ସମ୍ପାଦକ ଗୟାଧର ଧଳ, ଜିଲ୍ଲା ବିଜେପିର ଉପସଭାପତି ଉପୀନ କୁମାର ରାଉତ, ଯୁବ ବିଜୁଜନତା ଦଳର ଜିଲ୍ଲା ସାଧାରଣ ସମ୍ପାଦକ ସମ୍ବିତ ଶ୍ରୀଚନ୍ଦନ, ଆପ୍‌ର ଜିଲ୍ଲା ସମ୍ପାଦକ ସୂର୍ଯ୍ୟକାନ୍ତ ପରିଡ଼ା, ଡେପୁଟୀ କଲେକ୍ଟର(ନିର୍ବାଚନ) ଶିବାଶିଷ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

### ଯନ୍ତ୍ରୀ-ଠିକାଦାରଙ୍କ ମଧ୍ୟରେ ରହୁନି ତାଳମେଳ

# ସମବାୟ ସମିତି ଗୋଦାମ ଗୃହ ନିର୍ମାଣରେ ଅନିଶ୍ଚିତତା

**ମାର୍ଶାଘାଇ, ୫ ।୧(ସମିସ)**

ରାଜ୍ୟ ସରକାର ସମବାୟ ବ୍ୟବସ୍ଥାକୁ ଗୁରୁତ୍ୱ ଦେଇ ସମବାୟ ସମିତି ଗୁଡ଼ିକୁ ସୁଦୃଢ଼ କରିବାପାଇଁ ନୂତନ ଯୋଜନମାନ ହାତକୁ ନେଇଛନ୍ତି।ପ୍ରାଥମିକ କୃଷି ସମବାୟ ସମିତିରେ ମଣ୍ଡି ଖୋଲାଯାଇ ଧାନ, ମୁଗ, ବିରି, ଚିନାବାଦାମ, ସୂର୍ଯ୍ୟମୁଖୀ ଆଦିକୁ ଚାଷୀଙ୍କଠାରୁ ସିଧା ସଳଖ କ୍ରୟ କରୁଛନ୍ତି। ଚାଷୀମାନଙ୍କୁ ସାର, ବିହନ ଔଷଧ ଆଦି ଯୋଗାଇ ଦେଉଛନ୍ତି।ସେହି ସବୁ ସାମଗ୍ରୀକୁ ସୁରକ୍ଷିତ ଗଚ୍ଛିତ

### ● ଟେଣ୍ଡର ମିଳିବା ପରେ ଠିକାଦାରଙ୍କ ଦର୍ଶନ ମିଳୁନି

ରଖିବା ପାଇଁ ଗୋଦାମ ଗୃହର ଆବଶ୍ୟକତା ଅନୁଭବ କରି ସରକାର ସମବାୟ ସମିତିରେ ଗୋଦାମ ଗୃହ ନିର୍ମାଣ ପାଇଁ ୨୫ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଇଛନ୍ତି। ନିୟନ୍ତ୍ରିତ ବଜାର କମିଟି (ଆରଏମସି )ଜରିଆରେ ଯୋଗାଇଥିବା ଏହି ଅନୁଦାନରୁ ଗୃହ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ପ୍ରାୟ ୬ମାସ ହେବ ସରିଲାଣି। ଟେଣ୍ଡର ପାଇଥିବା ଠିକାଦାର ଟେଣ୍ଡର ହାତେଇବା ପରେ ନିର୍ମାଣ କାମ ଆରମ୍ଭ କରିବା ପାଇଁ ପ୍ରଥମେ ବ୍ୟଗ୍ରତା ଦେଖାଉଥିବା ବେଳେ ଏବେ ଆଉ ତାଙ୍କର ଦେଖାଦର୍ଶନ ମିଳୁନାହିଁ। ମାର୍ଶାଘାଇ ପ୍ରାଥମିକ କୃଷି




ସମବାୟ ସମିତିର ଗୋଦାମ ଗୃହ ନିର୍ମାଣ ପାଇଁ ସମସ୍ତ ଅନୁକୂଳ ପରିସ୍ଥିତି ଯୋଗାଇଦେବା ସତ୍ତ୍ୱେ କାମ ଆରମ୍ଭ ନେଇ ଅନିଶ୍ଚିତତା ଦେଖା ଦେଇଛି।ଏହି ସମବାୟ ସମିତିରେ ବିପଦ ସଂକୁଳ ଅବସ୍ଥାରେ ଥିବା ଏକ ପୁରୁଣା ଘରକୁ ଭଙ୍ଗାଯାଇ ନୂତନ ଗୋଦାମ ଗୃହ ନିର୍ମାଣ ନିମନ୍ତେ ସମତୁଲ କରାଯାଇ ସରିଛି।ଏହି ସମିତି ମାର୍ଶାଘାଇ ବ୍ଲକର ଏକ ଅଗ୍ରଣୀ ସମବାୟ ସମିତି। ଏଠାରେ ମାର୍ଶାଘାଇ ଏବଂ ମହାକାଳପଡ଼ା ବ୍ଲକର ଚାଷୀମାନଙ୍କର ମୁଗ, ବିରି, ଚିନା ବାଦାମ ଆଦି କ୍ରୟ କରିବା ପାଇଁ ମଣ୍ଡି କରାଯାଇଥାଏ।ପୁରୁଣା ଗୋଦାମ ଭଙ୍ଗା ଯିବା ପରେ ନୂତନ ଗୋଦାମ ନିର୍ମାଣରେ ବିଳମ୍ବ ଦେଖା ଦେବାରୁ ସମବାୟ ସମିତିର ନିର୍ଦ୍ଦେଶକମାନେ ଗୁରୁବାର ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ କେନ୍ଦ୍ରାପଡ଼ା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସଚ୍ଚିଦାନନ୍ଦ ଜେନାଙ୍କୁ ଭେଟିଥିଲେ।ଟେଣ୍ଡର ପାଇଥିବା ଠିକାଦାର ଏବଂ ଯନ୍ତ୍ରୀଙ୍କ ମଧ୍ୟରେ ତାଳମେଳ ଅଭାବରୁ ଗୋଦାମ ନିର୍ମାଣ କାମ ଆରମ୍ଭରେ ବିଳମ୍ବ ହେଉଥିବା ଶୁଣିବାକୁ ମିଳୁଛି।ମାର୍ଶାଘାଇ କୃଷି ସମବାୟ ସମିତିର ନିର୍ଦ୍ଦେଶକ ମନୋରଞ୍ଜନ ସାମଲ, ବିଚିତ୍ରାନନ୍ଦ ବେହେରା, ଉପେନ୍ଦ୍ର ବେହେରା, ନିର୍ମଳ ଦଳାଇ, ଗୁରୁଚରଣ ସ୍ୱାଇଁ, ମାନସ ରଞ୍ଜନ ସାହୁ ପ୍ରମୁଖ ଏକ ଟିମ ସମବାୟ ମନ୍ତ୍ରୀଙ୍କୁ ଭେଟିବା ସହିତ ଆର ଏମ ସି ସମ୍ପାଦକଙ୍କୁ ଭେଟି ଦାବି ଜଣାଇଥିଲେ। ସପ୍ତାହକ ମଧ୍ୟରେ ଗୋଦାମ ନିର୍ମାଣ କାମ ଆରମ୍ଭ କରାଯିବା ନେଇ ପଦକ୍ଷେପ ନିଆଯାଉଥିବା ବିଷୟ ଆରଏମସି ଯନ୍ତ୍ରୀ ବିନୟ କୁମାର ବାରିକ କହିଥିବା ଜଣାପଡ଼ିଛି।

## ଏରସମାରେ ଚାଲିଛି ହୋର୍ଡିଂ ଚିରା ରାଜନୀତି



**ଏରସମା,୫।୧(ସମିସ):** ଏରସମା ବ୍ଲକର ୨୫ଟି ପଞ୍ଚାୟତର ବିଭିନ୍ନ ଛକ ଜାଗା ମାନଙ୍କରେ ନୂଆ ବର୍ଷ ପାଇଁ ବିଭିନ୍ନ ରାଜନୈତିକ ବ୍ୟକ୍ତିମାନଙ୍କ ହୋର୍ଡିଂ ଚିରାକୁ ନେଇ ରାଜନୀତ ସରଗରମ।

ଫ୍ଲେକ୍ସ, ହୋର୍ଡିଂ ଗୁଡ଼ିକ ଚମ୍ପାହାଟ ଡିହସାହି, ଇବ୍‌ରିସଂ, ସୋମପୁର, ହାଜିପୁର,ପଏଦା,ଗୋଡା ଆଦି ବଜାର ପର୍ଯ୍ୟନ୍ତ ଫ୍ଲେକ୍ସ ଓ ହୋର୍ଡିଂକୁ କେହି ଦୁର୍ବୃତ୍ତ ଚିରି ଦେଇଥିବା ଦେଖିବାକୁ ମିଳିଛି। ଏମିତିକି, ରାସ୍ତା ପାଶ୍ୱର୍ର ବିଭିନ୍ନ ଇଲେକ୍ଟ୍ରିକ ପୋଲ ଓ ଗଛ ମାନଙ୍କରେ ଲାଗିଥିବା କଟଲେଟ୍ ଗୁଡ଼ିକ ଗୋଟିଏ ହେଲେ ରଖୋଇ ଦେଇନାହାନ୍ତି। ସେହିପରି ବିଭିନ୍ନ ବଜାରରେ ଲଗାଯାଇଥିବା ହୋର୍ଡିଂକୁ କାଟି ପକାଇଛନ୍ତି। ରାସ୍ତା ଉପରେ ଗେଟ ରଖୋଇ ଦେଇନାହାନ୍ତି ଏହି ହୋର୍ଡିଂଗୁଡ଼ିକ ନୂଆ କରି ରାଜନୀତିରେ ପଦ ଦେଇଥିବା ଯୁବ ନେତାଙ୍କର ଚିରା ହୋଇଛି ବୋଲି ଦେଖାଦେଇଛି। ତେବେ ହୋର୍ଡିଂ କିମ୍ବା ଫ୍ଲେକ୍ସରେ ରାଜନୀତି ହୁଏନି। ଏହା କେବଳ ଅଞ୍ଚଳବାସୀମାନଙ୍କୁ ଶୁଭେଚ୍ଛା ବାର୍ତ୍ତା ଥିଲା ବୋଲି କହିଛନ୍ତି ଯୁବ ନେତାମାନେ।

## ଶିକ୍ଷାବିତ୍ ଗୋଲଖ ବିହାରୀ ସ୍ୱାଇଁଙ୍କ ପରଲୋକ



**ରଘୁନାଥପୁର,୫।୧(ସମିସ):** ରଘୁନାଥପୁର ବ୍ଲକ ଛପଡା ପଞ୍ଚାୟତ ଅନ୍ତର୍ଗତ ଜଇପୁର ଗ୍ରାମର ଶିକ୍ଷାବିତ୍ ଗୋଲଖ ବିହାରୀ ସ୍ୱାଇଁ(୮୬)ଙ୍କର ଶୁକ୍ରବାର ସକାଳ ୧୦ଟାରେ ତାଙ୍କ ବାସଭବନରେ ପରଲୋକ ଘଟିଛି। ସ୍ୱର୍ଗତ ସ୍ୱାଇଁ ଦୀର୍ଘ ୩୨ବର୍ଷ ହେବ ମହେଶ୍ୱର ବିଦ୍ୟାଭବନ ଜଇପୁରରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟ କରି ଅବସର ନେଇଥିଲେ। ସେ ମଧ ମା' ଶାରଳା ଉଚ୍ଚବିଦ୍ୟାଳୟ ସମ୍ପାଦକ ଭାବେ ଦୀର୍ଘଦିନ ଦାୟିତ୍ୱ ନିର୍ବାହ କରିଥିଲେ। ସ୍ୱର୍ଗତ ସ୍ୱାଇଁଙ୍କ ମୃତଦେହକୁ ଗ୍ରାମ ପରିକ୍ରମା କରାଇବା ସହିତ ଦୁଇ ସ୍କୁଲ୍ ପରିସରକୁ ନିଆଯାଇଥିଲା। ସେଠାରେ ଛାତ୍ର ଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଛି। ବଡ଼ପୁଅ ଅମର ମୁଖାଗ୍ନୀ ଦେଇଥିଲେ। ମୃତ୍ୟୁଶଯ୍ୟା ନିକଟରେ ୫ପୁଅ, ଝିଅ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ଛପଡ଼ା ପଞ୍ଚାୟତ ପୂର୍ବତନ ସରପଞ୍ଚ ଅଲେଖ ନାୟକ , ବିଦ୍ୟାଧରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଦୀପକ ରଞ୍ଜନ ମଲ୍ଲିକ, ଜିଲ୍ଲା ଯୁବବିଜେଡି ସମ୍ପାଦକ ମାନସ ରଞ୍ଜନ ଦାସ ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଶିକ୍ଷାବିତ୍ ଭ୍ରମରବର ନାୟକ , କୈଳାସ ଚନ୍ଦ୍ର ମହାପାତ୍ର , ରମେଶ ଚନ୍ଦ୍ର ଖୁଣ୍ଟିଆ, ରଘୁନାଥପୁର ବ୍ଲକ ବିଜେଡ଼ି ଡିଜିଟାଲ ସଂଯୋଜକ କୁଞ୍ଜ ବିହାରୀ ସ୍ୱାଇଁ , ବିଜେଡି ଯୁବନେତା ଅନ୍ତର୍ଯ୍ୟାମୀ ସାମଲ, ବସନ୍ତ ମହାନ୍ତି, ବ୍ଲକ ବିଜେଡି ନେତା ଚଗଲା ଜେନା, ବାବାଜୀ ସ୍ୱାଇଁ , ନିରାକାର ଖୁଣ୍ଟିଆ , ରଞ୍ଜନ ସ୍ୱାଇଁ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ମୈନାକ ସାହିତ୍ୟ ସଂସଦର କବିତା ଆସର




ପାରାଦ୍ୱୀପ,୫।୧(ସମିସ): ପାରାଦୀପର ପୁରାତନ ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ମୈନାକ ସାହିତ୍ୟ ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ସାକ୍ଷରତା ସମିତି ସଭାଗୃହରେ ସଂସଦ ତରଫରୁ ଇଂରାଜୀ ନବବର୍ଷ ଆଗମନରେ ବନ୍ଧୁ ମିଳନ ସହ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଆସରରେ ସଂସଦର ସଭାପତି ଡ଼. ସନ୍ତୋଷ ସାମଲ କବିମାନଙ୍କୁ ନବବର୍ଷର ଅଭିନନ୍ଦନ ଜ୍ଞାପନ କରିବା ସହ ସଂସଦର ଭବିଷ୍ୟତ କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ସହ ସମସ୍ତ ସଭ୍ୟ /ସଭ୍ୟା ମାନଙ୍କର ସହଯୋଗ କାମନା କରିଥିଲେ,ଉକ୍ତ ଆସରରେ ବର୍ଷିଆନ କବି କମ୍ରେଡ ବାବୁରାମ ଚୌଧୁରୀ, ପ୍ରେମଲତା ବାରିକ, ଅଶୋକ ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିବାବେଳେ କବି ଟୁନିଲତା ବିଶ୍ୱାଳ, ଆରତୀ ଦାସ, ଧ୍ରୁବ ଚରଣ ମହାପାତ୍ର, ନଳିନୀ ପ୍ରଭା ସାହୁ, ଶର୍ମିଷ୍ଠା ମହାନ୍ତି, ରଂଜିତ ଦାସ, ମଧୁସ୍ମିତା ମହାନ୍ତି, ନୃସିଂହଚରଣ ବାରିକ ନବୀନ ପ୍ରଧାନ, ନିରଞ୍ଜନ ରାଉତଙ୍କ ସମେତ ୩୦ରୁ ଊର୍ଦ୍ଧ୍ୱ କବି କବିତା ପାଠ କରିଥିଲେ। କବି ତୁଳସୀ ବରାଳ ଓ କବି ରଶ୍ମିରେଖା ବେହେରା କବିତା ସଂଯୋଜନା କରିଥିଲା ବେଳେ ସଂସଦର ସମ୍ପାଦକ ନଗେନ୍ଦ୍ର ନାଥ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ନୋଳିଆସାହିର ଜୀବନରେଖା ଜଟାଧାର ମୁହାଣ

ଏରସମା,୫।୧(ସମିସ)



ମାଛଧରି ଜୀବିକା ନିର୍ବାହ କରୁଛନ୍ତି ୨୫୦ ପରିବାର

ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ ପୂର୍ବ ଉପକୂଳରେ ଲମ୍ବି ଯାଇଛି ସୁଦୀର୍ଘ ବଙ୍ଗୋପସାଗର। ବଙ୍ଗୋପସାଗରରେ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ନଦୀ ନାଳ ସହିତ ଏରସମାର ହଂସୁଆ, ମାହାଙ୍ଗା, ପାତୁଆ, କମାଣପଦା ଆଦି ନଦୀ ଜଟାଧାର ମୁହାଣ ପଥଦେଇ ବଙ୍ଗୋପସାଗରରେ ମିଶିଛି। ଏହି ଜଟାଧାର ମୁହାଣ କାହିଁ କେଉଁ କାଳରୁ ଢ଼ିଙ୍କିଆ ଚାରିଦେଶ ଲୋକଙ୍କ ସହିତ ନୋଳିଆ ସାହିର ଜୀବନ ଜୀବିକାର ମାଧ୍ୟମ ସାଜିଛି। ଢ଼ିଙ୍କିଆ ଚାରିଦେଶ ସହିତ ନୋଳିଆ ସାହିର ଦୁଇଶହ ପଚାଶ ପରିବାରଙ୍କ ଭାତହାଣ୍ଡି ଜଟାଧାର ମୁହାଣ। ଏହି ସାହିରେ ୧୨ଶହ ଲୋକ ବସବାସ କରୁଥିବାବେଳେ ସମସ୍ତେ କୈବର୍ତ୍ତ ସମ୍ପ୍ରଦାୟର। ସମୁଦ୍ର ଓ ଜଟାଧାର ମୁହାଣରୁ ମାଛ ମାରିବା ତାଙ୍କର କୌଳିକ ବୃତ୍ତି। ନିକଟ ଗଡ଼କୁଜଙ୍ଗ ପଞ୍ଚାୟତରେ ମହାପ୍ରଭୁ କୁଞ୍ଜବିହାରୀଙ୍କ ମନ୍ଦିର ନିର୍ମାଣ ସମୟରେ ରାଜା ଗଞ୍ଜାମ କୈବର୍ତ୍ତ ବା ନୋଳିଆ ସମ୍ପ୍ରଦାୟର ଲୋକଙ୍କ ଦ୍ୱାରା ବଡ ବଡ ପଥର ଖୋର୍ଦ୍ଧାରୁ ଡଙ୍ଗା ସାହାଯ୍ୟରେ ନଦୀପଥ ଦେଇ ଆଣୁଥିଲେ। ନୋଳିଆମାନଙ୍କର ଡଙ୍ଗା ଚାଳନାରେ ଦକ୍ଷତାକୁ ଦୃଷ୍ଟିରେ ରଖି ରାଜା ସେମାନଙ୍କୁ ପଥର ବୁହା କାର୍ଯ୍ୟରେ ନିଯୁକ୍ତି କରିଥିଲେ। ସମୟ କ୍ରମେ ସେମାନେ ବାରମ୍ବାର ନିଜ ଗାଁକୁ ନ ଯାଇ ଗଡକୁଜଙ୍ଗ ନିକଟ ଜଟାଧାର ନଦୀ କୂଳରେ ବସତି ସ୍ଥାପନ କରି ଜଟାଧାର ମୁହାଣକୁ ଜୀବନ ଜୀବିକାର ମୁଖ୍ୟ ଉତ୍ସ ରୂପେ ବାଛି ନେଲେ। ଦୀର୍ଘ ୪ ଦଶନ୍ଧି ଧରି ବାସ କରୁଥିବା ଏହି ନୋଳିଆସାହିର ପରିବାର ୨୦ରୁ ଆଜି ୨୫୦ ଧରିଲାଣି। ପ୍ରଥମେ ପ୍ରଥମେ ପାଲଟଣା ଡଙ୍ଗାରେ ମାଛ ମାରୁଥିବାବେଳେ ପରେ ସାଧା ଡଙ୍ଗାରେ ମାଛ ମାରୁଥିଲେ। ଏବେ କିନ୍ତୁ ଯନ୍ତ୍ରଚାଳିତ ଡଙ୍ଗା ସହିତ ଉନ୍ନତମାନର ଜାଲ ବ୍ୟବହାର କରି ମାଛ ମାରୁଛନ୍ତି। ଉକ୍ତ ସାହି ମତ୍ସ୍ୟଜୀବୀଙ୍କର ୧୬୦ଖଣ୍ଡ ଜାଲ ଡଙ୍ଗା ରହିଥିବା ବେଳେ ଅନ୍ୟମାନେ ଦିନ ମଜୁରିଆ ଭାବେ ଜାଲ ଡଙ୍ଗାରେ କାମ କରି ଦି ପଇସା ରୋଜଗାର କରି ପରିବାର ପ୍ରତିପୋଷଣ କରୁଛନ୍ତି। ଜଟାଧାର ମୁହାଣ ନ ଥିଲେ ଆଜି ନୋଳିଆ ସାହିର କିଛି ସ୍ଥିତି ନ ଥାନ୍ତା। କିଛି ଲୋକ ମାଛ, ଶୁଖୁଆ ବ୍ୟବସାୟ କରି ମଧ ପରିବାର ପ୍ରତିପୋଷଣ କରୁଛନ୍ତି। ସମୁଦ୍ର ଓ ଜଟାଧାର ମୁହାଣ ପାଇଁ ଆଜି ଢ଼ିଙ୍କିଆ ଚାରିଦେଶ ସହିତ ନୋଳିଆ ସାହି ମାଛ ବା ମୀନ ପାଇଁ ପ୍ରସିଦ୍ଧି ଲାଭ କରିଛି। ଖଅଙ୍ଗା, ଡେମା, ହରକୁରା, ଖାସୁଲି, ଟାଇଗର ଚିଙ୍ଗୁଡ଼ି ସହିତ କାଲୁଆ କଙ୍କଡା ମତ୍ସ୍ୟଜୀବୀମାନେ ଧରି ଗାଁ ଗଣ୍ଡାରେ ବିକ୍ରି କରିବା ସହିତ ପାରାଦୀପରେ ବିକ୍ରୟ କରି ଖୁବ ଭଲ ରୋଜଗାର କରନ୍ତି। ଜଟାଧାର ମୁହାଣ ନୋଳିଆ ସାହି ବସ୍ତିବାସିନ୍ଦାଙ୍କ ପାଇଁ ଏକ ଆଶୀର୍ବାଦ ସହିତ ତାଙ୍କ ଭାତହାଣ୍ଡି ବୋଲି ନୋଳିଆ ସାହିର ବରିଷ୍ଠ ମୁରବି ଜୀବନ ଲାଲ ବେହେରା କୁହନ୍ତି।

● ଜଗତସିଂହପୁର ଜିଲ୍ଲାର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ

## ଜିଲ୍ଲାରେ ୯ ଲକ୍ଷ ୪୮ ହଜାର ୬୫୭ ଭୋଟର



**ଜଗତସିଂହପୁର,୫।୧(ସମିସ):** ଜଗତ୍‌ସିଂହପୁର ଜିଲ୍ଲାର ସମସ୍ତ ୧୦୪୭ ବୁଥ୍ ପାଇଁ ଚୂଡାନ୍ତ ଭୋଟର ତାଲିକା-୨୦୨୪କୁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସମସ୍ତ ଭୋଟର ପଂଜିକରଣ ଅଧିକାରୀଙ୍କ କାର୍ଯ୍ୟାଳୟ ଠାରେ ଶୁକ୍ରବାର ପୂର୍ବାହ୍ନରେ ପ୍ରକାଶିତ ହୋଇଛି। ଏଥିପାଇଁ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ୨୭ ଅକ୍ଟୋବର ୨୦୨୩ରୁ ୯ ଡିସେମ୍ବର ୨୦୨୩ ପର୍ଯ୍ୟନ୍ତ ଚାଲିଥିଲା। ସମସ୍ତ ୧୦୪୭ ବୁଥରେ ବିଏଲ୍‌ଓମାନେ ଉପସ୍ଥିତ ରହି ତାଲିକା ପ୍ରସ୍ତୁତ କରିଥିଲେ। ଚୂଡାନ୍ତ ଭୋଟର ତାଲିକା ୨୦୨୪ ଅନୁସାରେ ଜିଲ୍ଲାରେ ଭୋଟର ସଂଖ୍ୟା ୯, ୪୮, ୬୫୭ ଜଣ। ସେଥିରୁ ୪,୯୧୭୫୭ ଜଣ ପୁରୁଷ ଓ ୪,୫୬,୮୦୨ ଜଣ ମହିଳା ଭୋଟର ଅଛନ୍ତି। ସେହିପରି ଜିଲ୍ଲାରେ ୯୮ ଜଣ କିନ୍ନର ଭୋଟର ରହିଛନ୍ତି।

## ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ଶୀତବସ୍ତ୍ର ବଣ୍ଟନ



**ପାରାଦୀପ,୫।୧(ସମିସ):** ମା' ଶୀତଳା ଦେବୀ ସେବା ସଙ୍ଘ ତରଫରୁ ପାରାଦୀପ ପୌର ପରିଷଦର ୮ ନମ୍ବର ୱାର୍ଡରେ ଥିବା ବୟଜ୍ୟୋଷ୍ଠ ବ୍ୟକ୍ତିମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ମୁଖ୍ୟ ଅତିଥି ଭାବେ ପାରିଷଦ ଅଜିତ କୁମାର ଷଡ଼ଙ୍ଗୀ ଯୋଗ ଦେଇଥିଲେ। ଏଥିରେ ୱାର୍ଡର ଶତାଧିକ ବୟୋଜ୍ୟେଷ୍ଠ ବ୍ୟକ୍ତି ଉପସ୍ଥିତ ରହି ପାରିଷଦଙ୍କଠାରୁ ଶୀତବସ୍ତ୍ର ଗ୍ରହଣ କରିଥିଲେ।

## ପାଣି ପଞ୍ଚାୟତ ପକ୍ଷ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



**କେନ୍ଦ୍ରାପଡା,୫।୧(ସମିସ):** ଓଡ଼ିଶା ସରକାରଙ୍କ ଜଳ ସମ୍ପଦ ବିଭାଗ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଜଳସମ୍ପଦ ବିଭାଗ ଆନୁକୁଲ୍ୟରେ କେନ୍ଦ୍ରାପଡ଼ା ପ୍ରଦକ୍ଷିଣ ଭବନଠାରେ ଶୁକ୍ରବାର ପାଣି ପଞ୍ଚାୟତ ପକ୍ଷ ପାଳନ-୨୦୨୪ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ପୀତାମ୍ବର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ଏ ବର୍ଷ ପାଣି ପଞ୍ଚାୟତ ପକ୍ଷ ଚଳିତ ମାସ ୧୬ତାରିଖରୁ ୩୦ ତାରିଖ ପାର୍ଯ୍ୟନ୍ତ ପାଳନ କରିବାକୁ ସ୍ଥିରିକୃତ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ସମସ୍ତଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇବା ସହ ପୂର୍ବବର୍ଷ ପରି ଏ ବର୍ଷ ପାଣି ପଞ୍ଚାୟତ ପକ୍ଷକୁ ପାଳନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲ୍ଲା, ବ୍ଲକ ଓ ପଞ୍ଚାୟତ ସ୍ତରରେ ଗଠନ କରାଯାଇଥିବା କମିଟିମାନଙ୍କ ମଧ୍ୟରେ ସମନ୍ୱୟ ରଖି ଏହି ପାଣି ପଞ୍ଚାୟତ ପକ୍ଷ ପାଳନକୁ ସଫଳ କରିବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ଜଳସେଚନ ବିଭାଗର ଅଧକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ ପାଣି ପଞ୍ଚାୟତ ପକ୍ଷ ପାଳନର ମୁଖ୍ୟ ଉଦ୍ଦେଶ୍ୟ ସହ ବିଦ୍ୟୁତ୍ ବିଭାଗ ଅଧିକାରୀମାନଙ୍କର ଗୁରୁଦାୟିତ୍ୱ ବିଷୟରେ ମତ ରଖିଥିଲେ। ଚଳିତ ମାସ ୧୬ତାରିଖରେ ମଣ୍ଡଳ ସ୍ତରୀୟ, ୨୪ତାରିଖରେ ଜିଲ୍ଲାସ୍ତରୀୟ ଏବଂ ୩୦ ତାରିଖରେ ରାଜ୍ୟ ସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ କରାଯିବ। ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଅଷ୍ଟମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଓଡ଼ିଆ ଭାଷାରେ ବକ୍ତୃତା, ପ୍ରବନ୍ଧ, କୁଇଜ, ଚିତ୍ରାଙ୍କନ ପ୍ରତିଯୋଗିତା ଓ ମଡେଲ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଜିଲ୍ଲାସ୍ତରରେ ଏହି ପ୍ରତିଯୋଗିତା ଚଳିତ ମାସ ୧୦ ତାରିଖ ସୁଦ୍ଧା ଆୟୋଜନ କରିବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀମାନଙ୍କୁ ଯଥାକ୍ରମେ ୨୫୦୦, ୨୦୦୦ ଓ ୧୫୦୦ଟଙ୍କାର ଅର୍ଥରାଶି ପ୍ରଦାନ କରିବା ସହ ପ୍ରମାଣ ପତ୍ର ଦିଆଯିବ। ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତାର ଜିଲ୍ଲା ସ୍ତରୀୟ ପ୍ରଥମ କୃତୀ ପ୍ରତିଯୋଗୀ ରାଜ୍ୟସ୍ତରରେ ଭାଗ ନେଇପାରିବେ। ପ୍ରସ୍ତୁତି ବୈଠକରେ ଜଳ ସମ୍ପଦ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ, ନାବାର୍ଡ, ପଞ୍ଚାୟତରାଜ, ଶିକ୍ଷା, ଟିପିସିଓଡିଏଲ, ପଶୁ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## 'ଯୁବ ଓଡିଶା ନବୀନ ଓଡିଶା' କାର୍ଯ୍ୟକ୍ରମ ଉଦ୍‌ଯାପିତ

**ବିରିଡି,୫।୧(ସମିସ):** ବିରିଡି ବ୍ଲକ ୨୨ ମୌଜା ଉଚ୍ଚମାଧମିକ ବିଦ୍ୟାଳୟରେ ଚଳିଥିବା ଯୁବ ଓଡିଶା ନବୀନ ଓଡିଶା (ନୂଆ-ଓ) କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। କଲେଜର ଅଧକ୍ଷ ବିଭୁଦତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନ ସମାରୋହରେ ମୁଖ୍ୟ ଅତିଥିଭାବେ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ, ମୁଖ୍ୟବକ୍ତା ଭାବେ ପୁରଣ ସରପଞ୍ଚ ଯୁଧିଷ୍ଠିର ବେହେରା, ସମ୍ମାନିତ ଅତିଥିଭାବେ ଜିଲ୍ଲା ପରିଷଦସଭ୍ୟ ଚନ୍ଦ୍ରଶେଖର ଦାଶ, ପଞ୍ଚାୟତ ସମିତି ଅଧକ୍ଷା ମମତା ପାତ୍ର, ଉପାଧକ୍ଷା ପିନାକୀ ପ୍ରିୟଦର୍ଶିନୀ, ଡିଗ୍ରୀ କଲେଜର ଅଧକ୍ଷ ଶିଶିର ଦାସ, ସମାଜସେବୀ ସୁଶାନ୍ତ ବସ୍ତିଆ ଯୋଗଦେଇ ସମଗ୍ର ଓଡିଶାରେ ମହାବିଦ୍ୟାଳୟ ସ୍ତରରେ ଯୁବ ପ୍ରତିଭା ମାନଙ୍କୁ ଖେଳ, କୁଦ ଓ ଅନ୍ୟାନ୍ୟ ପ୍ରତିଯୋଗିତାରେ ଭାଗ ନେବାରେ ସୁଯୋଗ ସୃଷ୍ଟି କରିଥିବାରୁ ରାଜ୍ୟ ସରକାର ବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସମସ୍ତେ କୃତଜ୍ଞତା ଜଣାଇଥିଲେ। କାର୍ଯ୍ୟକ୍ରମରେ ନୋଡାଲ ଅଧିକାରୀ ସ୍ମିତା ମହାପାତ୍ର ଏହାର ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ଅଧାପିକା ଡ. ଭାରତୀ ବେହେରା, ଅନ୍ତର୍ଯ୍ୟାମୀ ରାଉତ, ମଥୁରାନନ୍ଦ ସାହୁ, ମାନସ ଶତପଥି, ଭୃଗୁରାମ ଦାଶ, ଜିତେନ୍ଦ୍ର ମହାନ୍ତି, ଦିଲ୍ଲିପ ଦଳାଇ, ସଂଧ୍ୟାରାଣୀ ମିଶ୍ର, ମାମିନା ରାଉତ, ଶେଷଦେବ ବେହେରା, ମନୋଜ ମହାନ୍ତି, ବିମଳ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ କୃତି ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଓ ଟ୍ରଫିଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।




ତାରପୁରଠାରେ ପ୍ରଥମ ଧାନ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟିତ

# ଏସ୍‌ଏଚ୍‌ଜି ହାତରେ ମଣ୍ଡି ପରିଚାଳନା ଦାୟିତ୍ୱ

ଜଗତସିଂହପୁର/ରଘୁନାଥପୁର,୫।୧(ସମିସ)

- ୧୦୪ଟି ପାକ୍ସ ଓ ୯ଟି ଏସଏଚ୍‌ଜି ମାଧମରେ ଚାଷୀଙ୍କଠାରୁ ସଂଗ୍ରହ ହେବ ଧାନ
- ସାଧାରଣ ଧାନ କ୍ୱିଣ୍ଟାଲ ପିଛା ୨୧୮୩ ଓ ଗ୍ରେଡ 'ଏ' ୨୨୦୩ ଟଙ୍କା
- ଶୁକ୍ରବାରରେ ମଣ୍ଡିରେ ସଂଗ୍ରହ ହେବ ଧାନ



୨୦୨୩-୨୪ ବର୍ଷ ନିମନ୍ତେ ଜଗତସିଂହପୁର ଜିଲ୍ଲାର ପ୍ରଥମ ଧାନ ସଂଗ୍ରହ କେନ୍ଦ୍ର (ମଣ୍ଡି) ନିୟନ୍ତ୍ରୀତ ବଜାର କମିଟି ଜଗତସିଂହପୁର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ରଘୁନାଥପୁର ବ୍ଲକ ଅଧିନସ୍ଥ ତାରପୁରଠାରେ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଜଗତସିଂହପୁର ଜିଲ୍ଲାପାଳ ପାରୁଲ ପଟୱାରୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଧାନମଣ୍ଡି ଶାଳିଜଙ୍ଗା ଶିବଶକ୍ତି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି)ଙ୍କ ଦ୍ୱାରା ପରିଚାଳିତ ହେବ। ଚଳିତବର୍ଷ ଜିଲ୍ଲାରେ ୧୦୪ଟି କୃଷି ସମବାୟ ସମିତି ଓ ୯ଟି ମହିଳା ସ୍ୱୟଂ ସହାୟକ ଦଳ ମାଧ୍ୟମରେ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ କରାଯିବ। ଆଜିର ଉଦ୍‌ଘାଟନି ଉତ୍ସବରେ ଜଗତସିଂହପୁର ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ଯୋଗଦେଇ କହିଲେ, ଚଳିତ ବର୍ଷ ଚାଷୀଙ୍କ ଠାରୁ ସୁବ୍ୟବସ୍ଥିତ, ସ୍ୱଚ୍ଛ ଓ ସହଜରେ ଧାନକିଣା ହେବ। ଅନ୍ୟତମ ଅତିଥିଭାବେ ଜିଲ୍ଲା ଯୋଗାଣ ଅଧିକାରୀ ସୁଜାତା ମିଶ୍ର କହିଲେ, ଚାଷୀମାନେ ଶୃଙ୍ଖଳା ଓ ସଫା ଧାନ ବିକ୍ରୟ କେନ୍ଦ୍ରକୁ ଆଣି ସରକାରୀ ଧାର୍ଯ୍ୟ ମୂଲ୍ୟ ଅନୁଯାୟୀ ଉଚିତ ପ୍ରାପ୍ୟ ପାଇପାରିବେ। ଚଳିତ ବର୍ଷ ସରକାରଙ୍କ ପକ୍ଷରୁ ସାଧାରଣ ଧାନ କୁଇଣ୍ଟାଲ ପ୍ରତି ସହାୟକ ମୂଲ୍ୟ ୨୧୮୩ ଟଙ୍କା ଓ ଗ୍ରେଡ 'ଏ' ଧାନ କୁଇଣ୍ଟାଲ ପ୍ରତି ସହାୟକ ମୂଲ୍ୟ ୨୨୦୩ ଟଙ୍କା ଧାର୍ଯ୍ୟ କରାଯାଇଛି। ଶୁକ୍ରବାର ଏହି ଧାନମଣ୍ଡିରେ ଧାନ ସଂଗ୍ରହ କରାଯିବ।

ଅନୁଷ୍ଠିତ ଉତ୍ସବରେ ସହକାରୀ ନିବନ୍ଧକ ସନ୍ତୋଷ କୁମାର ମଲ୍ଲିକ ଯୋଗଦେଇ କହିଲେ, ସକାଳ ୧୦ଟାରୁ ଅପରାହ୍ନ ଗୋଟାଏ ମଧ୍ୟରେ ଧାନ ପହଁଚାଇବେ। ତେବେ ଧାନ ବସ୍ତାର ଓଜନ ସର୍ବାଧିକ ୪୦ରୁ ୫୦ କିଗ୍ରା ମଧ୍ୟରେ ରହିବା ସହିତ ଏହାଠୁ ଅଧିକ ହୋଇନଥିବା ଆବଶ୍ୟକ ବୋଲି ସେ ସୂଚନା ଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନମିତା ରାଉତ ଯୋଗାଦେଇ କହିଲେ , ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଜିଲ୍ଲାର ମହିଳା ସ୍ୱୟଂସହାୟକ ଦଳକୁ ଧାନ କିଣା ପ୍ରକ୍ରିୟାରେ ସାମିଲ କରାଯାଇଛି। ଏଥିରେ ୯ଟି ମହିଳା ଏସଏସଜିକୁ ସାମିଲ କରାଯାଇଛି। ରଘୁନାଥପୁର ଶିବଶକ୍ତି ଏସଏଚ୍‌ଜି, ନାଉଗାଁର ବବା ନୀଳମଣି ଏସଏଚ୍‌ଜି, ଜଗତସିଂହପୁର ବ୍ଲକର ହନୁମାନ ଏସଏଚଜି , ମା' ବୁଢି ବାଶୁଳେଇ ଏସଏଚଜି, କୁଜଙ୍ଗ ବ୍ଲକର ମା' ମଂଗଳା ଏସଏଚଜି, ଏରସମାର ମା' ଶାରଳା ଏସଏଚଜି, ବାଲିକୁଦାର ଶ୍ରୀ ବାସୁଦେବ ଏସଏଚଜି , ଦିବ୍ୟକୃପା ଏସଏଚଜି ଓ ଶକ୍ତିମୟୀ ଏସଏଚଜି ଧାନ ସଂଗ୍ରହ କରିବେ। ଜଗତସିଂହପୁର ନିୟନ୍ତ୍ରୀତ ବଜାର କମିଟି ସେକ୍ରେଟାରୀ ସୂର୍ଯ୍ୟକାନ୍ତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଉତ୍ସବରେ ରଘୁନାଥପୁର ବିଡିଓ ନମିତା ବାରିକ, ଏସଡିପିଓ ତୃପ୍ତିଲତା ମହାନ୍ତି, ସରକାରୀ ଯୋଗାଣ ଅଧିକାରୀ ମଧୁସ୍ମିତା ମହାପାତ୍ର, ଆସିଷ୍ଟାଣ୍ଡ ପ୍ରୋଗ୍ରାମର ନଚିକେତା ନାୟକ, ତାରପୁର ସରପଞ୍ଚ ସୁଷମା ମଲ୍ଲିକ, ଉପ ସହକାରୀ ନିବନ୍ଧକ ଶିବ ପ୍ରସାଦ ମହାନ୍ତି, ପଞ୍ଚାୟତ ପ୍ରତିନିଧି, ଚାଷୀ, ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

## ମା' କୁତାମଚଣ୍ଡି କଲେଜରେ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ

**ନାଉଗାଁ, ୫।୧(ସମିସ):** ନାଉଗାଁ ବ୍ଲକ ଅନ୍ତର୍ଗତ ଗଜରାଜପୁର ପଞ୍ଚାୟତସ୍ଥିତ ଦେବୀଦୋଳ ମା'କୁତାମଚଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆୟୋଜିତ 'ନୂଆ-ଓ' ଅନ୍ତର୍ଗତ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ଉଦ୍‌ଯାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ପ୍ରସନ୍ନ କୁମାର ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଜଗତସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ମୁଖ୍ୟ ବକ୍ତାଭାବେ ନାଉଗାଁ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ଚାଇନା ପ୍ରଧାନ, ସମ୍ମାନୀତ ଅତିଥିଭାବେ ନାଉଗାଁ ପଞ୍ଚାୟତ ସମିତି ଅଧକ୍ଷା ତୃଷ୍ଣା ଲେଙ୍କା, ଜିଲାପରିଷଦ ସଭ୍ୟା ଅମିତା ସ୍ୱାଇଁ, ମମତା ପରିଡା, ଦିଲୀପ କୁମାର ଲେଙ୍କା, ବସନ୍ତ କୁମାର ପାଢୀ ପ୍ରମୁଖ ଯୋଗଦାନ କରି ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବିକାଶ ପକ୍ଷରୁ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଥିବା ଅର୍ନ୍ତନିହତ ଗୁଣାବଳିର ବିକାଶ ପାଇଁ କରାଯାଇଥିବା ଏହି ଯୋଜନା ସମ୍ବନ୍ଧରେ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଧାପକ ସୁଶାନ୍ତ କୁମାର ସ୍ୱାଇଁ ପରିଚାଳନା କରିଥିବା ବେଳେ ଅଧାପିକା ସୁଜାତା ରାଉତରାୟ, ଜାଗୃତୀ ମହାନ୍ତି, ସରସ୍ୱତୀ ଦାସ, ଅଧାପକ ପ୍ରକାସ ମଲ୍ଲିକ, ଅକ୍ଷୟ ପାଢୀ, କୃଷ୍ଣଚନ୍ଦ୍ର ଦାସ, ଅକ୍ଷୟ ମୁଦୁଲି, କ୍ଷେତ୍ରବାସୀ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



## ସ୍ୱତନ୍ତ୍ର ସେବା ଶିବିର ଉଦ୍‌ଯାପିତ

**କଙ୍କଡ଼ାହାଡ଼, ୫।୧(ସମିସ):** ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ କଙ୍କଡ଼ାହାଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱତନ୍ତ୍ର ସେବା ଶିବିର ଉଦଯାପିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରସନ୍ନ କୁମାର ସାହୁ ସ୍ୱେଚ୍ଛାସେବୀ ମାନଙ୍କୁ ସ୍ୱତନ୍ତ୍ର ସେବା ଶିବିର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଶିବିର ସାତଦିନ ଧରି ଚାଲିଥିଲା ଆଜି ଏହା ଉଦଯାପିତ ହୋଇଥିଲା। ଜାତୀୟ ସେବା ଅଧିକାରିଣୀ ଝୁନୁ ରାଏ ଶିବିରକୁ ପରିଚାଳନା କରିଥିଲେ। ଶିବିରକୁ ପରିଚାଳନାରେ ବିଦ୍ୟାଳୟର ଅଧ୍ୟାପକ କ୍ଷୀକାନ୍ତ ଶତପଥୀ, ଅଧ୍ୟାପକ ଅଜୟ କୁମାର ଚିନୀରା, ଅଧ୍ୟାପିକା ମଧୁସ୍ମିତା ନନ୍ଦ, ରାକାବେନ ପତି, ଅଭୟ କୁମାର ସାହୁ, ବସନ୍ତ କୁମାର ସାହୁ, ନୀଳାମ୍ବର ପରିଡ଼ା, ରବି ମହାନ୍ତ ଓ ନିର୍ଝରଣୀ ପଣ୍ଡା ସହଯୋଗ କରିଥିଲେ।

## ଉନ୍ନତ ପ୍ରଣାଳୀରେ ଆଖୁଚାଷ ପାଇଁ ଓୟୁଏଟି ତରଫରୁ ତାଲିମ ଶିବିର




**କାମାକ୍ଷାନଗର, ୫।୧(ସମିସ):** କାମାକ୍ଷାନଗର ଉପଖଣ୍ଡ ଜୟପୁରା କାଟେଣୀ ପଞ୍ଚାୟତ ଅନ୍ତର୍ଗତ ପଦ୍ମପୋଖରୀ ଗ୍ରାମରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ତରଫରୁ ଚାଷୀମାନଙ୍କ ପାଇଁ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଢେଙ୍କାନାଳ ଓୟୁଏଟି ଶାଖା ମୁଖ୍ୟ ଭକ୍ତଚରଣ ଧୀର, ନୟାଗଡ଼ ଆଖୁ ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ଜ୍ୟୋତିରେଖା ପଟ୍ଟନାୟକ, ବୈଜ୍ଞାନିକ ପ୍ରଭାକିରଣ ଦାଶ, ସୁଚିସ୍ମିତା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଆଖୁଚାଷୀ ମାନେ କିପରି ସରକାରୀ ସହାୟତା ପାଇ ଅଧିକରୁ ଅଧିକ ଉତ୍ପାଦନ କରିବା ସହ ଭଲ ରୋଜଗାର କରିପାରିବେ ସେ ଉପରେ କାର୍ଯ୍ୟକ୍ରମ ରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କାମାକ୍ଷାନଗର, ପରଜଙ୍ଗ, କଙ୍କଡାହାଡ଼ ଆଦି ବ୍ଲକର ଶତାଧିକ ଆଖୁଚାଷୀ ଯୋଗ ଦେଇଥିବା ବେଳେ ବରିଷ୍ଠ କୃଷି ବୈଜ୍ଞାନିକ ଡ. ସ୍ୱାଗତିକା ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ଭୁବନ, ୫।୧(ସମିସ):** ଭୁବନ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୫୫ ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ପ୍ରଧାନଶିକ୍ଷିକା ନାରାୟଣ ରଣାଙ୍କ ଅଧ୍ୟକ୍ଷତାରେ ଗୋଷ୍ଠୀ ଶିକ୍ଷାଧିକାରୀ ଅଦୈତ୍ୟ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜ କୁମାର ପୋଥାଳଙ୍କ ସମେତ ଉପସଭାପତି ଶର୍ମିଷ୍ଠା ମହାନ୍ତି,ଶିକ୍ଷକ ଗଦାଧର ମିଶ୍ର, ଗଣେଶ୍ୱର ପୃଷ୍ଟି, କମ୍ପ୍ୟୁଟର କୋଅର୍ଡିନେଟର ଜ୍ୟୋତିରଞ୍ଜନ ତ୍ରିପାଠୀ ଯୋଗ ଦେଇଥିଲେ। ଶାରୀରିକ କ୍ରୀଡା ଶିକ୍ଷକ ନରହରି ନାୟକଙ୍କ ତତ୍ତ୍ୱାବଧାନରେ ୩୦୦ ଛାତ୍ରୀ ଏହି କ୍ରୀଡ଼ାରେ ଅଂଶଗ୍ରହଣ କରିଥିଲେ।

## କୌଳିକ ବୃତ୍ତିକୁ ବଜାୟ ରଖିଥିବା ବର୍ଷିୟାନ ବ୍ୟକ୍ତି ସମ୍ବର୍ଦ୍ଧିତ



**କାମାକ୍ଷାନଗର, ୫।୧(ସମିସ):** କାମାକ୍ଷାନଗର ଏନଏସି ଅନ୍ତର୍ଗତ ଆଳତୁମା ଗ୍ରାମବାସୀଙ୍କ ତରଫରୁ ଏକ ନିଆରା ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଦେଖିବାକୁ ମିଳିଛି। ସାମ୍ପ୍ରତିକ ପରିସ୍ଥିତିରେ କୌଳିକବୃତ୍ତିରୁ ଯୁବପିଢ଼ି ବିମୁଖ ହୋଇ ପଥଭ୍ରଷ୍ଟ ହେଉଥିବା ବେଳେ ଆଳତୁମା ଗ୍ରାମ ତରଫରୁ ସହର ଓ ଆଖପାଖ ଅଞ୍ଚଳର କିଛି ବର୍ଷିଆନ କୌଳିକ ବୃତ୍ତିଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆଜିକୁ ପ୍ରାୟ ପଚାଶ ବର୍ଷ ହେବ କାମାକ୍ଷାନଗର ସହରର ମଧ୍ୟସ୍ଥଳ କଳ୍ପନା କ୍ଲବ ଠାରେ ମୁଢ଼ି, ବାଦାମ ଭଜା, ବୁଟ, ମଟର, ଇତ୍ୟାଦି ବିକ୍ରି କରି ଆଜି ପର୍ଯ୍ୟନ୍ତ ପରିବାର ପ୍ରତିପୋଷଣ କରୁଥିବା ଦୁଇ ବରିଷ୍ଠ ବ୍ୟବସାୟୀ ପଳଉ ବେହେରା, ଅନ୍ତର୍ଯ୍ୟାମୀ ବେହେରାଙ୍କୁ ଗ୍ରାମ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ସେହିପରି ବାଉଁଶପାଳ ପଞ୍ଚାୟତ ଅନ୍ତର୍ଗତ କଇଁବିଲି ଗ୍ରାମର ବରିଷ୍ଠ କୃଷକ ଭାବେ ବାଉରୀବନ୍ଧୁ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆମେ ଗ୍ରାମବାସୀ ବେଶ ଖୁସି ଅନୁଭବ କରୁଥିବା ନେଇ ଆଳତୁମା ଗ୍ରାମ ସଭାପତି ବ୍ରହ୍ମାନନ୍ଦ ମହାନ୍ତି କହିଛନ୍ତି। ଗ୍ରାମବାସୀ ଙ୍କ ତରଫରୁ ହିମାଦ୍ରୀ ଦାସ ଓ ମନ୍ଦରା ଦାସ ଉପସ୍ଥିତ ରହି ସମ୍ବର୍ଦ୍ଧନା ପର୍ବ ପରିଚାଳନା କରିଥିଲେ।

## ଭାରତ ସଂକଳ୍ପ ଯାତ୍ରା

**ମହାବିରୋଡ଼, ୫।୧(ସମିସ):** କଙ୍କଡାହାଡ଼ ବ୍ଲକରେ ଭାରତ ସଂକଳ୍ପ ଯାତ୍ରାର ଶୋଭାରମ୍ଭ ହୋଇଛି। ଏହି ଅବସରର ଦ୍ୱିତୀୟ ଦିବସରେ ଦଶୀପୁର ପଞ୍ଚାୟତ ଓ ପଙ୍ଗାତିରା ପଞ୍ଚାୟତରେ ସଂକଳ୍ପ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଅନେକ ଲୋକପ୍ରିୟ ଯୋଜନା ଉପରେ ରଥ ପରିକ୍ରମା କରାଯାଇ ସଚେତନ କରାଯାଇଥିଲା। ୨ ଟି ପଞ୍ଚାୟତର ବିଭିନ୍ନ ସମସ୍ୟା ନେଇ ୫୦୦ ରୁ ଊର୍ଦ୍ଧ୍ୱ ଲୋକ ଅଭିଯୋଗ ପତ୍ର ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଦଶୀପୁର ସରପଞ୍ଚ ସୁଧୀର ପାଳ, ପଙ୍ଗାତିରା ସରପଞ୍ଚ କରୁଣାକର ସାହୁ ଯୋଗ ଦେଇଥିଲେ। ସରକାରଙ୍କ ପକ୍ଷରୁ ପ୍ରତି ପଞ୍ଚାୟତରେ ନୋଡାଲ ଅଧିକାରୀ ରହୁଥିବା ବେଳେ ପଙ୍ଗାତିରା ପଞ୍ଚାୟତରେ କେହି ନୋଡାଲ ଅଧିକାରୀ ନଥିବା ନେଇ ପଙ୍ଗାତିରା ସରପଞ୍ଚ ବ୍ଲକ ନୋଡାଲ ଅଧିକାରୀ ତଥା ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ପଞ୍ଚାୟତର ବିଭିନ୍ନ ସମସ୍ୟା ଉପରେ ଆସୁଥିବା ଅଭିଯୋଗ ବ୍ଲକ କାର୍ଯ୍ୟାଳୟରେ ଯେଉଁ ବିଭାଗର ଅଭିଯୋଗ ସେହି ବିଭାଗରେ ଦିଆଯାଇ ସମସ୍ୟାର ସମାଧାନ କରାଯିବ ବୋଲି ବ୍ଲକ ନୋଡାଲ ଅଧିକାରୀ ସୂଚନା ଦେଇଛନ୍ତି।

## ଫସଲ ଅମଳବେଳେ ହାତୀ ଉପଦ୍ରବ

**କାମାକ୍ଷାନଗର, ୫।୧(ସମିସ):** କାମାକ୍ଷାନଗର ଉପଖଣ୍ଡରେ ହାତୀ ଉପଦ୍ରବର ଦୁଃଖ ଏବେ ଚାଷୀଙ୍କ ମେରୁଦଣ୍ଡ ଭାଙ୍ଗିଦେଇଛି। ବନ ବିଭାଗ ହାତୀ ଘଉଡ଼ାଇବାରେ ନୟାନ୍ତ ହୋଇଗଲାଣି, ତଥାପି ହାତୀ ଆତଙ୍କ ଶେଷ ହେବାର ନାଁ ଧରୁନାହିଁ। ଏବେ କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ ବାଟଗାଁ, ବ୍ରାହ୍ମଣିଆ, ତଣ୍ଡିମୁଣ୍ଡା, କାନପୁରା, କନ୍ଧବୋଲ, ପ୍ରଭୃତି ଅଞ୍ଚଳରେ ହାତୀ ଆତଙ୍କ ଦେଖିବାକୁ ମିଳିଛି। ଯାହାକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ଅଞ୍ଚଳବାସୀ। ଢେଙ୍କାନାଳ ଜିଲ୍ଲାରେ ହାତୀ ଉପଦ୍ରବ ରୋକିବା ପାଇଁ ଦୁଇ ବର୍ଷ ତଳେ ୨୧ ଲକ୍ଷ ଟଙ୍କା ବ୍ୟୟରେ ଏକ ଐରାବତ ବସ୍ ବ୍ୟବସ୍ଥା କରାଯାଇଛି। ଯେଉଁଥିରେ ହାତୀ ଘଉଡ଼ାଇବା ପାଇଁ ସମସ୍ତ ବ୍ୟବସ୍ଥା ରହିଛି। ତଥାପି ବନ ବିଭାଗ ହାତୀ ଘଉଡ଼ାଇବା ପାଇଁ ଅକ୍ଷମ। ହାତୀମାନେ ଚାଷ କିଆରିକୁ ଦଳିମକଚି ନଷ୍ଟ କରି ଦେଲେଣି। ମହାବିରୋଡ଼ ରେଞ୍ଜ ଅଧୀନରେ ଥିବା ଡ଼ିହଡୋଳ ସେକ୍ସନରେ ବର୍ଷ ତମାମ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ହାତୀ ରହୁଛନ୍ତି। ସରକାର ଏନେଇ କେଉଁ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହାକୁ ସ୍ଥାନୀୟ ବାସିନ୍ଦା ଅପେକ୍ଷା କରିଛନ୍ତି।

## ନିଖୋଜ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

**କାମାକ୍ଷାନଗର, ୫।୧(ସମିସ):** ଗତ ଦୁଇଦିନ ତଳୁ ନିଖୋଜ ବ୍ୟକ୍ତିଙ୍କ ମୃତଦେହ ନାଳରୁ ଉଦ୍ଧାର ହୋଇଛି। ମୃତବ୍ୟକ୍ତି ହେଲେ ପରଜଙ୍ଗ ଥାନା ହାତିଲୁଚାଣି ଗ୍ରାମର ମିହିର ଭୋଇ। ଗତ ୩ ତାରିଖ ଅପରାହ୍ଣରେ ମିହିର ଘରୁ ଯାଇ ଆଉ ଘରକୁ ଫେରିନଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରି କିଛି ସନ୍ଧାନ ପାଇନଥିଲେ। ଆଜି ସକାଳୁ ଗ୍ରାମ ଠାରୁ କିଛିଦୁର ମୁଣ୍ଡେଇଲ ଗ୍ରାମ ଘୋଡାଡିଆଁ ନାଳରେ ମୃତଦେହ ଭାସୁଥିବାର ସ୍ଥାନୀୟଲୋକେ ଦେଖିଥିଲେ। ପରିବାରଲୋକେ ପହଞ୍ଚି ଶବ ଚିହ୍ନଟ କରିବା ସହ ପୁଲିସକୁ ଖବର ଦେଇଥିଲେ।

# ଜିଲ୍ଲାସ୍ତରୀୟ 'ନୂଆ ଓ' କ୍ରୀଡ଼ା ପ୍ରତିଯୋଗିତା

**ଢେଙ୍କାନାଳ, ୫।୧(ସମିସ):**

ଢେଙ୍କାନାଳ ଷ୍ଟାଡିୟମ୍ ଠାରେ ଜିଲ୍ଲାସ୍ତରୀୟ ନୂଆ-ଓ ' କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି। ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ସାଂସଦ ମହେଶ ସାହୁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ଆରକ୍ଷୀ ଅଧୀକ୍ଷକ ଜ୍ଞାନରଞ୍ଜନ ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଦିଲ୍ଲୀପ କୁମାର ବିଶ୍ୱାଳ, ସଦର ଉପ-ଜିଲ୍ଲାପାଳ ସପନ କୁମାର ନନ୍ଦ, ଜିଲ୍ଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି, ଜିଲ୍ଲା କ୍ରୀଡ଼ା



ସଂଘର ସମ୍ପାଦକ ନଳିନୀ ଦାଶ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉତ୍ସବର କାର୍ଯ୍ୟକ୍ରମକୁ ସୁଶାନ୍ତ କୁମାର ପାଣି ପରିଚାଳନା କରିଥିଲେ। ଜିଲ୍ଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ରାଜୀବ ବେହେରା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକ ସ୍ତରରେ ଆୟୋଜିତ କ୍ରିକେଟ୍, ଫୁଟ୍‌ବଲ୍, ହକି, କବାଡି, ଖୋ-ଖୋ, ଭଲିବଲ୍ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଖେଳାଳିମାନେ ଏହି ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଛନ୍ତି। ଏହି ଜିଲ୍ଲାସ୍ତରୀୟ ନୂଆ-ଓ କ୍ରୀଡ଼ା ପ୍ରତିଯୋଗିତା ଆସନ୍ତା ୧୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କୃତୀ ପ୍ରତିଯୋଗୀମାନେ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

## ଐରା ପକ୍ଷରୁ ସଡ଼କ ସୁରକ୍ଷା

**ଭୁବନ, ୫।୧(ସମିସ):** ଜାନୁଆରୀ ୧ରୁ ସଡ଼କ ସୁରକ୍ଷା ସପ୍ତାହ ପାଳନ ହେଉଛି। ଏହି ଅବସରରେ ଶୁକ୍ରବାର ଐରା ଅନୁଷ୍ଠାନ ପକ୍ଷରୁ ଭୁବନ ବସଷ୍ଟାଣ୍ଡ ଠାରେ ସଡ଼କ ସୁରକ୍ଷା ସଂପର୍କିତ ପଥ ପ୍ରନ୍ତ ନାଟକ ପରିବେଷଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଭୁବନ ଘରୋଇ ବସ ମାଲିକ ଜନମଙ୍ଗଳ ସଂଘର ସଭାପତି ନିରଞ୍ଜନ ପୃଷ୍ଟି ଅତିଥି ଭାବେ, ମୁଖ୍ୟ ବକ୍ତା ଭାବେ ପ୍ରଦ୍ୟୁମ୍ନ କୁମାର ପଣ୍ଡା ଯୋଗ ଦେଇଥିଲେ। ସଙ୍ଗୀତ ବାହିନୀ ସାଂସ୍କୃତିକ ଟିମ୍ ର ସଦସ୍ୟମାନେ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। ଶ୍ରୀବତ୍ସ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

● ଶଶୁର ଘରେ ଜ୍ୱାଇଁଙ୍କୁ ହତ୍ୟା ମାମଲା

## ଗିରଫ ବାପ-ପୁଅ ଜେଲ ଗଲେ

**ହିନ୍ଦୋଳ, ୫।୧(ସମିସ):** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଏନଏସି ଅନ୍ତର୍ଗତ ରୁପାଳି ଗ୍ରାମ ଶଶୁର ଘରେ ଜ୍ୱାଇଁଙ୍କୁ ହତ୍ୟା କରାଯିବା ଘଟଣାରେ ଦୁଇ ଅଭିଯୁକ୍ତ (ବାପ-ପୁଅ) ଗିରଫ ହୋଇ ଜେଲ ଯାଇଛନ୍ତି। ଇନଷ୍ଟଗ୍ରାମରୁ ପ୍ରେମ ପରେ ଝିଅର ପ୍ରେମିକାକୁ ନିଜଘରେ ହତ୍ୟା କରିଥିବା ନେଇ ହିନ୍ଦୋଳ ଥାନାରେ ଅଭିଯୋଗ ହେବା ପରେ ୨ ଜଣଙ୍କୁ ଗିରଫ କରିଛି ହିନ୍ଦୋଳ ପୁଲିସ। ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ବୋରିକିନା ପଞ୍ଚାୟତର ସୁବାସ ବାରିକଙ୍କ ପୁଅ ସାଗର ବାରିକ(୨୨)ଙ୍କ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନଏସି ୱାର୍ଡ ନଂ-୯ ରୁପାଳି ଗ୍ରାମର ବିଜୟ ନାଏକଙ୍କ ଝିଅ ଦେବସ୍ମିତା ସହ ଇନଷ୍ଟାଗ୍ରାମରୁ ପ୍ରେମ



ଆରମ୍ଭ ହୋଇଥିଲା। ଶେଷରେ ସାଗର ଓ ଦେବସ୍ମିତା ଗତ ଜାନୁଆରୀ ୨୦୨୩ରେ ବିବାହ କରିଥିଲେ। ପ୍ରେମରେ ପାଗଳ ସାଗର ବାରିକ ବିବାହ କରି ପରିବାରବର୍ଗଙ୍କଠୁ ଅଲଗା ହୋଇ ଦେବସ୍ମିତା ବାପା ବିଜୟ ନାଏକଙ୍କ ରୁପାଳି ଗ୍ରାମରେ ରହିଆସୁଥିଲେ। ମାତ୍ର ହଠାତ୍ ସାଗରଙ୍କ ପରିବାର ଲୋକ ଖବର ପାଇଲେ ଯେ, ସାଗର ବିଜୟ ନାଏକଙ୍କ ଘରେ ମରିଯାଇଛି ଏବଂ ତାକୁ ତା ଶଶୁର ଘରଲୋକେ କାହାକୁ ନଜଣାଇ ପୋଡିଦେଇଛନ୍ତି। ଖବର ପାଇ ମୃତ ସାଗରର ମାମୁଁ ବିଶ୍ୱଜିତ ବାରିକ ଗତ ୨୬/୧/୨୩ରେ ହିନ୍ଦୋଳ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ହିନ୍ଦୋଳ ଥାନା ପୁଲିସ ତଦନ୍ତ କରିବା ସହ ବିଜୟ ନାଏକ, ଦେବବ୍ରତ(ଜିତୁ)ନାଏକ ଓ ଦେବସ୍ମିତା ନାଏକଙ୍କ ବିରୁଦ୍ଧରେ ମାମଲା ରୁଜୁ କରିଥିଲେ। ଏଥିସହ ଶ୍ମଶାନରୁ ମୃତ ସାଗରର ପାଉଁଶ, ହାଡ଼ ଇତ୍ୟାଦି ଜବତ କରି ଫୋରେନସିକ୍ ଲାବକୁ ପରୀକ୍ଷା ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛନ୍ତି। ମୁଖ୍ୟ ଅଭିଯୁକ୍ତ ଦେବସ୍ମିତା ବର୍ତ୍ତମାନ ସୁଦ୍ଧା ଗିରଫ ହୋଇନଥିବା ଜଣାପଡ଼ିଛି।

## ଜନତାରାଜ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ହିନ୍ଦୋଳ, ୫।୧(ସମିସ):** ହିନ୍ଦୋଳ ଉପଖଣ୍ଡ ଦୁଦୁରୁକୋଟ ସ୍ଥିତ ଜନତାରାଜ ଉଚ୍ଚବିଦ୍ୟାଳୟ ପରିସରରେ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉତ୍ସବ ଉଦଯାପିତ ହୋଇଯାଇଛି। ମୋ ସ୍କୁଲ ଅଭିଯାନ ସଭାପତି ରତିକାନ୍ତ ଗଡ଼ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ହିନ୍ଦୋଳ ସାମ୍ବାଦିକ ସଂଘ ସଭାପତି ସୁଶାନ୍ତ ପତି, ବକ୍ତା ଭାବେ ଅବସରପ୍ରାପ୍ତ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଦିବାକର ପଟ୍ଟନାୟକ ଏବଂ ସମ୍ମାନିତ ଅତିଥିଭାବେ ଦୁଦୁରୁକୋଟ ସରପଞ୍ଚ ମନୋଜ କୁମାର ବେହେରା, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ପ୍ରହ୍ଲାଦ ସାମଲ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ହରିହର ନାଥ କାର୍ଯ୍ୟକ୍ରମକୁ ସଂଯୋଜନା, ଶିକ୍ଷୟତ୍ରୀ ଗାୟତ୍ରୀ ପଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ଅନାଥ ଶିଶୁକୁ ମିଳିଲା ସହାୟତା

**ଭୁବନ, ୫।୧(ସମିସ):** ନୂତନଭାବେ ଦାୟିତ୍ୱ ଗ୍ରହଣ କରିଥିବା ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ରୁବି ବିଶ୍ୱାଳଙ୍କ ପ୍ରଚେଷ୍ଟା କ୍ରମେ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ସଦସ୍ୟା କୁସିଦା ବେଗମ୍, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଅନୁରାଧା ଗୋସ୍ୱାମୀ ଓ ମୁକ୍ତିକାନ୍ତ ମହାଳିକ ଶୁକ୍ରବାର ବେଗା ପଞ୍ଚାୟତର ରାଜସ୍ୱ ଗ୍ରାମ ଶ୍ରୀମନ୍ତପୁର ଜନଜାତି ବସ୍ତିରୁ ଗୋଠଇଲା ଅଙ୍ଗନବାଡ଼ି ଦିଦି ସୂର୍ଯ୍ୟମଣି ଅଙ୍ଗରାଇ, ଆଶା ଦିଦି ଉର୍ବଶୀ ମହନ୍ତ ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ୮ ବର୍ଷୀୟା ଶିଶୁ କନ୍ୟାଙ୍କୁ ଉଦ୍ଧାର କରାଯାଇ ଶିଶୁ ସୁରକ୍ଷା କେନ୍ଦ୍ର ଢ଼େଙ୍କାନାଳକୁ ନେଇଛନ୍ତି। ୨୦୧୫ ମସିହା ନଭେମ୍ବର ମାସ ୧୩ତାରିଖ ରେ ପିତା ବିଭୀଷଣ ସିଦ୍ଧୁ ଓ ମାତା ସଞ୍ଜୁ ସିଦ୍ଧୁଙ୍କର ଏକ କନ୍ୟା ସନ୍ତାନ ଜନ୍ମ ନେଇଥିଲା। ଖୁସିରେ ତାର ନାମ ଦେଇଥିଲେ ପୂଜାରାଣୀ। କିଛି ଦିନ ପରେ ବିଭୀଷଣ ସିଦ୍ଧୁ ଦୁରାରୋଗ୍ୟ ବ୍ୟାଧିରେ ଆରପାରିକୁ ଚାଲିଗଲେ। ବୟସ ୫ବର୍ଷ ୫ମାସ ୧୦ଦିନ ହେଇଛି ୨୦୨୧ମସିହା ଏପ୍ରିଲ୍ ୪ତାରିଖରେ ମାଆ ସଞ୍ଜୁ ମଧ୍ୟ ଆଖିବୁଜି ଦେଲେ। ଅନାଥ ବାଳିକା ପୂଜାରାଣୀଙ୍କୁ ସାହାରା ଦେବାକୁ କେହି ବି ନ ଥିଲେ।

## ବୁଢ଼େଶ୍ୱରୀ ମହୋତ୍ସବ ଓ ବାର୍ଷିକୋତ୍ସବ

**ଢେଙ୍କାନାଳ, ୫।୧(ସମିସ):** ଶ୍ରେୟା ଅନୁଷ୍ଠାନ ତରଫରୁ ୮ମ ବୁଢ଼େଶ୍ୱରୀ ମହୋତ୍ସବ ଓ ବାର୍ଷିକୋତ୍ସବ ସ୍ଥାନୀୟ ଗୋପବନ୍ଧୁ ଟାଉନ୍ ହଲ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ସଂଧ୍ୟାରେ କାର୍ଯ୍ୟକ୍ରମରେ ସଭାପତି ସ୍ୱର୍ଣ୍ଣଲତା ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜଜ୍ ଭିକାରୀ ଚରଣ ରାଉତ, ମୁଖ୍ୟ ବକ୍ତାଭାବେ ସାହିତ୍ୟିକ ରୁଦ୍ର ପ୍ରସାଦ ମହାନ୍ତି ଓ ସମ୍ମାନିତ ଅତିଥି ଭାବେ ସମାଜସେବୀ ସୁଜାତା ମହାନ୍ତି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରିଥିଲେ। ସଙ୍ଗୀତ ଗୁରୁ ବ୍ରଜବନ୍ଧୁ ରଣସିଂହଙ୍କୁ ଶ୍ରେୟା ସମ୍ମାନ, ରୁଦ୍ର ପ୍ରସାଦ ମହାନ୍ତିଙ୍କୁ ସାହିତ୍ୟ ପାଇଁ ଶ୍ରେୟା ଅନୁଷ୍ଠାନ ଏବଂ ରାମଚନ୍ଦ୍ର ମହାନ୍ତିଙ୍କ




ତରଫରୁ ରାମଚନ୍ଦ୍ର ମହାନ୍ତି ସ୍ମାରକୀ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସୁର୍ ସଙ୍ଗୀତ ସଙ୍ଗୀତ ବିଦ୍ୟାଳୟ, ଆଶିଷ ପାଲ୍ ଡ୍ୟାନ୍ସ ଏକାଡେମୀ, ଆଦୃତା ଶିଶୁଗୃହର ସଦସ୍ୟସଦସ୍ୟା, ବିଚାରକ ମଣ୍ଡଳୀ ଓ ସ୍ୱେଚ୍ଛାସେବୀଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବା ଦିଗରେ ଇଂ. ମନୋରଞ୍ଜନ ପତି, ସାଇ ଆଲ୍ଲାଦିନ୍ ପୃଷ୍ଟି, ସତ୍ୟନାରାୟଣ ବିଶ୍ୱାଳ, ବନ୍ଦନା ପଣ୍ଡା, ମାମିନା ଦିକ୍ଷିତ୍, ଶ୍ରଦ୍ଧାଞ୍ଜଳି ସାହୁ, ମମତା ମିଶ୍ରଙ୍କ ସହିତ ବହୁ ସଦସ୍ୟ ସହଯୋଗ କରିଥିଲେ। ସୁଶାନ୍ତ କୁମାର ପାଣି ଓ ବିଜ୍ଞାନ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଶ୍ରେୟା ଅନୁଷ୍ଠାନର ନିର୍ଦ୍ଦେଶିକା ସାଗରିକା ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ବାପା-ମା' ଛେଉଣ୍ଡ ପିଲା ସରକାରୀ ସହାୟତାରୁ ବଞ୍ଚିତ

**କାମାକ୍ଷାନଗର, ୫।୧(ସମିସ) :** ବାପା-ମା' ଛେଉଣ୍ଡ ଦୁଇ ଭାଇଭଉଣୀ ସରକାରୀ ସହାୟତାରୁ ବଞ୍ଚିତ। ବଡ଼ ବାପା ବଡ଼ ମା'ଙ୍କ ଆସରାରେ ବିତୁଛି ଜୀବନ। ପରଜଙ୍ଗ ବ୍ଲକ କଙ୍କିଲୀ ପଞ୍ଚାୟତ ମୁଣ୍ଡା ସାହିର ୧୧ ବର୍ଷୀୟ ଶୁଭମ୍ ବିଶ୍ୱାଳ ଓ ୧୨ ବର୍ଷୀୟ ଶୁଭଲକ୍ଷ୍ମୀ ବିଶ୍ୱାଳ ବାପା ମା'ଙ୍କ ମୃତ୍ୟୁ ପରେ ଏବେ ଅନାଥ ହୋଇପଡ଼ିଛନ୍ତି। ବଡ଼ ବାପା ପିଲା ପବନା ବିଶ୍ୱାଳ ଦୁହିଁଙ୍କୁ ନିଜ ପାଖରେ ରଖି ସାହାରା ଦେଇଛନ୍ତି। ହେଲେ ତାଙ୍କ ବଡ଼ ବାପାଙ୍କ ପାଞ୍ଚ ପାଞ୍ଚଟି ପରିବାର ଶ୍ରମିକ କାମ କରି ଯାହା ରୋଜଗାର କରନ୍ତି କଷ୍ଟେ ମାଷ୍ଟେ ଚଳନ୍ତି। ଦୁଇ ଅନାଥଙ୍କୁ ଅନ୍ତୋଦୟ ଚାଉଳ ଗଣ୍ଡାକ ଛାଡିଦେଲେ ସରକାରୀ ସହାୟତା ଆଉ କିଛି ମିଳିନାହିଁ। ରହିବାକୁ ବାସଗୃହ ଖଣ୍ଡେରୁ ମଧ ବଞ୍ଚିତ ଅଛନ୍ତି। ସରକାର ଅଯୋଗ୍ୟ ହିତାଧିକାରୀଙ୍କୁ ସମସ୍ତ ସରକାରୀ ସୁବିଧା ଯୋଗାଇ ଦେଉଛନ୍ତି କିନ୍ତୁ ଏଠି ପ୍ରକୃତ ହିତାଧିକାରୀଙ୍କୁ ନଜର ଦେଉନାହାନ୍ତି।



ସ୍ଥାନୀୟ ବାସିନ୍ଦା ଦୁଇ ଅନାଥ ନାବାଳକଙ୍କୁ ସମସ୍ତ ସରକାରୀ ଅନୁଦାନ ଯୋଗାଇ ଦେବାକୁ ଦାବି କରିଛନ୍ତି।

## ମହାବିରୋଡ଼ ମହାବିଦ୍ୟାଳୟରେ 'ନୂଆ ଓ' କାର୍ଯ୍ୟକ୍ରମ

**ମହାବିରୋଡ, ୫।୧(ସମିସ):** ମହାବିରୋଡ଼ ମହାବିଦ୍ୟାଳୟ ଠାରେ ରାଜ୍ୟ ସରକାରଙ୍କ ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ରାମନାଥ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ଡ. ନୃସିଂହ ଚରଣ ସାହୁ ଯୋଗ ଦେଇଥିଲେ। ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା ସମ୍ପର୍କରେ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଆଲୋକପାତ କରିଥିଲେ। ସମାଜ ତଥା ରାଜ୍ୟ ଓ ଦେଶର ବିକାଶରେ



ଯୁବପିଢିଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ସେମାନେ ସରକାରଙ୍କ ଶିକ୍ଷା କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇ ନିଜର ଦକ୍ଷତା ବିକାଶର ପାରଗମ୍ୟ ପ୍ରତିପାଦିତ କରି ପାରିବେ। ଏଥିସହିତ ବିଭିନ୍ନ ସାମାଜିକ, ସାଂସ୍କୃତିକ, କ୍ରୀଡାରେ ଯୁବପିଢ଼ି ଭାଗ ନେଇ ନିଜର ଦକ୍ଷତା ପ୍ରତିପାଦିତ କରିପାରିବେ। ଯାହା କଲେଜ ମାଧ୍ୟମରେ ନିଜର କରିକୁଲାର ଆକ୍ଟିଭିଟି ମାଧ୍ୟମରେ ଦେଖାଇ ପାରିବେ।

# ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

**ଢେଙ୍କାନାଳ, ୫।୧(ସମିସ):** ଢେଙ୍କାନାଳ ଜିଲ୍ଲା ସଦର ମହକୁମାର ୭୫ତମ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସଦ୍ଭାବନା ସଭାଗୃହରେ ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ସାଧାରଣତନ୍ତ୍ର ଦିବସକୁ ଉତ୍ସାହର ସହିତ ପାଳନ କରିବାକୁ ଜିଲ୍ଲାପାଳ ସମସ୍ତ ଅନୁଷ୍ଠାନର କର୍ମକର୍ତ୍ତା ଓ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି। ଏହି ପବିତ୍ର ଜାତୀୟ ଦିବସ ପାଳନ ଅବସରରେ ଜାନୁଆରୀ ୨୬ ତାରିଖ ଦିନ ପ୍ରତ୍ୟୁଷରୁ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ସହର ମଧ୍ୟରେ ରାମଧୂନ ପରିବେଷଣ କରାଯିବ। ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ, ଶିଳ୍ପାନୁଷ୍ଠାନ ଓ ନିଜସ୍ୱ ଅନୁଷ୍ଠାନରେ ସକାଳ ୭ଟା ୩୦ମିନିଟ୍




ସମୟରେ ଜାତୀୟ ପତାକା ଉତ୍ତୋଳନ କରାଯିବ। କାର୍ଯ୍ୟାଳୟଗୁଡିକରେ ପତାକା ଉତ୍ତୋଳନ ସମୟରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହିବେ। ସକାଳ ୭.୪୫ ମି. ସମୟରେ ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ଦିବସର ମୁଖ୍ୟ ଅତିଥି ମାଲ୍ୟାର୍ପଣ କରିବେ ଏବଂ ସକାଳ ୮ଟା ୩୦ମିନିଟ୍ ପରେ ଢେଙ୍କାନାଳ ଷ୍ଟାଡିୟମ୍‌ରେ ଆନୁଷ୍ଠାନିକ ଜାତୀୟ ପତାକା ଉତୋଳନ କରି ପରେଡର ଅଭିବାଦନ ଗ୍ରହଣ କରିବେ। ଆନୁଷ୍ଠାନିକ ପରେଡରେ ପୁଲିସ୍ ବାହିନୀ, ଓଏସ୍ଏପି ପ୍ରଥମ ବାଟାଲିଆନ୍, ପୁଲିସ୍ ବ୍ୟାଣ୍ଡ ଦଳ ଏବଂ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ପରେଡ ଦଳ ଅଂଶଗ୍ରହଣ କରିବେ ବୋଲି ସ୍ଥିର ହୋଇଛି। ଏହି ଅବସରରେ ବିଭିନ୍ନ ବିଭାଗ ଦ୍ୱାରା ପ୍ରସ୍ତୁତ ଜନହିତକର ଓ ସଚେତନଧର୍ମୀ ପ୍ରଜ୍ଞାପନ ମେଢ ପ୍ରଦର୍ଶନ କରାଯିବ। ଅପରାହ୍ନରେ ଷ୍ଟାଡିୟମ୍ ଠାରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍, ମହିଳାମାନଙ୍କ ମଧ୍ୟରେ ମ୍ୟୁଜିକାଲ ଚେୟାର ଏବଂ ସନ୍ଧ୍ୟାରେ ଗୋପବନ୍ଧୁ ଟାଉନ୍ ହଲ୍ ଠାରେ ଜିଲ୍ଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ବିଭିନ୍ନ ପଞ୍ଜୀକୃତ ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ବୈଠକ ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଭିଷେକ ବେହେରା ସମସ୍ତଙ୍କୁ ସ୍ୱାଗତ କରି ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ଅନୁଷ୍ଠିତ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ଏହି ବୈଠକରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଜ୍ଞାନରଞ୍ଜନ ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡଃ. ଦିଲ୍ଲୀପ କୁମାର ବିଶ୍ୱାଳ, ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ (ସାଧାରଣ), ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଲଳିତ ମୋହନ ବେହେରା, ଢେଙ୍କାନାଳ ସଦର ଉପଜିଲ୍ଲାପାଳ ସପନ କୁମାର ନନ୍ଦ, ବିଭାଗୀୟ ଅଧିକାରୀ ଓ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗଦେଇଥିଲେ।

## ବାଲିବୋରେ ଅକ୍ଷତ ଶୋଭାଯାତ୍ରା

**ଭୁବନ, ୫।୧(ସମିସ):** ଆସନ୍ତା ୨୨ତାରିଖରେ ଅଯୋଧ୍ୟାସ୍ଥିତ ଶ୍ରୀରାମ ମନ୍ଦିରରେ ରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା କରାଯିବ। ଏ ଉପଲକ୍ଷେ ଅଯୋଧ୍ୟାରୁ ଆସିଥିବା ଅକ୍ଷତ ବିତରଣ ଭୁବନ ଶ୍ରୀରାମ ମନ୍ଦିର ପରିସରରେ ରଖାଯାଇଥିଲା। ଭୁବନ ଖଣ୍ଡର ସମସ୍ତ ସ୍ୱୟଂ ସେବକ ବିଶ୍ୱ ହିନ୍ଦୁ ପରିଷଦର ଜିଲ୍ଲା କର୍ମକର୍ତ୍ତା ଉପସ୍ଥିତ ରହି ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ନିମନ୍ତ୍ରଣ ପତ୍ର ବଣ୍ଟନ ଓ ଅକ୍ଷତକୁ ଭୁବନ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମର ମହୁଲପାଳ, ମୃଦଙ୍ଗା ବାଲିବୋ, ଗରୁଡବନ୍ଧୀ, କେଶରପୁର, କାନଖାଇ, ଅନନ୍ତପୁର ଓ ଗଡଗାଁପୁର ପରିବାରକୁ ପ୍ରଦାନ କରାଯାଇଥିଲା। ଅକ୍ଷତକୁ ଏକ ସୁସଜ୍ଜିତ ରଥରେ ଗାଁ ମୁଣ୍ଡରୁ ଶୋଭାଯାତ୍ରାରେ ନେଇଥିଲେ କର୍ମକର୍ତ୍ତା। କାର୍ଯ୍ୟକ୍ରମରେ ଜଗବନ୍ଧୁ ପୃଷ୍ଟି, ମଳୟ କୁମାର ତ୍ରିପାଠୀ, ଧୀରେନ୍ଦ୍ର କୁମାର ପୃଷ୍ଟି, ମନୋଜ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ବାଇଗଣ କିଆରି ନଷ୍ଟକଲେ ହାତୀ



**ଭୁବନ, ୫।୧(ସମିସ):** ଭୁବନ ବାନାଞ୍ଚଳ ଅନ୍ତର୍ଗତ ସୁରପ୍ରତାପପୁର ପଞ୍ଚାୟତର ପାଟପୁର ମୌଜାରେ ୮ଟି ହାତୀ ପଶି ବାଇଗଣ କିଆରି, ଆଖୁ କିଆରୀ, ବିରି, ବାଦାମ, ବୋଇତାଲୁ କିଆରି ନଷ୍ଟ କରିପକାଇଛନ୍ତି। ଚାଷୀ ବିରଞ୍ଚି କୁଅଁର, ନିତ୍ୟାନନ୍ଦ ନାୟକ, ନିରଞ୍ଜନ ନାୟକ, ରଘୁନାଥ ସ୍ୱାଇଁ, ଶ୍ୟାମସୁନ୍ଦର ବେହେରା, ମୁକ୍ତି ପୁହାଣଙ୍କ ୩ ଏକର ଫସଲ ନଷ୍ଟ ହୋଇଥିବା ବେଳେ ୨ ଏକର ଆଖୁ କିଆରି ନଷ୍ଟ ହୋଇଛି। ଆଖୁ କିଆରୀରେ ହାତୀ ଲୁଚି ରହୁଥିବା ଜଣାପଡିଛି। ହାତୀ ଘଉଡ଼ାଇବାକୁ ବନ ବିଭାଗ କର୍ମଚାରୀ ନକେଦମ୍ ହେଲେଣି । କିଛି ହାତୀ ନଦୀ ପାର ହୋଇ ଷଡଙ୍ଗୀ ଅଞ୍ଚଳକୁ ପଳାଇ ଯାଉଥିବା ବେଳେ ଆଉ କିଛି ବିରଶାଲ୍ ପଟରୁ ଭୁବନକୁ ଆସୁଛନ୍ତି। ଫଳରେ ବନ ବିଭାଗ କର୍ମଚାରୀ ହାତୀର ଗତିବିଧି ସମ୍ପର୍କରେ ଜାଣିପାରୁନାହାନ୍ତି।

## କଳମଛୁଇଁରେ ଅକ୍ଷତ କଳସ ଶୋଭାଯାତ୍ରା

**ତାଳଚେର ସଦର, ୫ ।୧(ସମିସ):** ଚଳିତ ଜାନୁୟାରୀ ମାସ ୨୨ ତାରିଖ ଦିନ ଅଯୋଧ୍ୟାରେ ନବନିର୍ମିତ ମନ୍ଦିରର ଗର୍ଭଗୃହରେ ଶ୍ରୀରାମ ଲାଲାଙ୍କ ପ୍ରାଣ ପ୍ରତିଷ୍ଠା କରାଯିବ। ଏହି ଅବସରରେ ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର, ଅଯୋଧ୍ୟାରୁ ଆସିଥିବା ଅଭିମନ୍ତ୍ରିତ ଅକ୍ଷତ କଳସ ଜିଲ୍ଲା ମୁଖ୍ୟାଳୟରୁ ଆଣି ସାଉଥ ବଲଣ୍ଡାସ୍ଥିତ ହନୁମାନ ମନ୍ଦିରରେ ରଖାଯାଇଥିଲା। ସେଠାରେ ତାଳଚେର ଖଣ୍ଡ ସଂଘ ଚାଳକ ଭୂବନାନନ୍ଦ ପ୍ରଧାନ ଓ ଖଣ୍ଡ କାର୍ଯ୍ୟବାହ ଶ୍ରୀକାନ୍ତ ବିଶ୍ୱାଳଙ୍କ ଆବାହକତ୍ୱରେ ଅକ୍ଷତ କଳସକୁ ପୂଜାର୍ଚ୍ଚନା କରାଯିବା ସହ ତାଳଚେର ଖଣ୍ଡ ଅନ୍ତର୍ଗତ ୧୮ଟି ମଣ୍ଡଳକୁ ହସ୍ତାନ୍ତରିତ କରାଯାଇଥିଲା। ଏହାସହିତ କଳମଛୁଇଁ ମଣ୍ଡଳ ପକ୍ଷରୁ ଏକ ସୁସଜ୍ଜିତ ଯାନରେ ଅକ୍ଷତ କଳସକୁ ଭବ୍ୟ ଶୋଭାଯାତ୍ରାରେ ଆଣି ସୋଲଡ଼ା ଗ୍ରାମର ସତ୍ୟବାଦୀପୁର ସାହିରେ ପହଞ୍ଚିଥିଲେ। ସେଠାରେ ସୋଲଡା ନାମ ସଂକୀର୍ତ୍ତନ ଦଳ ସ୍ୱାଗତ କରିବା ସହ ଶୋଭାଯାତ୍ରାରେ ବାବା ବାଲୁଙ୍କେଶ୍ୱର ମହାଦେବ ମନ୍ଦିରରେ ପହଞ୍ଚିଥିଲା। ମନ୍ଦିରରେ ଅକ୍ଷତ କଳସକୁ ପୂଜାର୍ଚ୍ଚନା କରାଯିବା ପରେ ଏକ ଭବ୍ୟ ଶୋଭାଯାତ୍ରାରେ ସମଗ୍ର କଳମଛୁଇଁ ଗ୍ରାମ ପରିକ୍ରମା କରିଥିଲା। ପରେ ଅକ୍ଷତ କଳସକୁ ଶିଶୁମନ୍ଦିର ପରିସରରେ ସ୍ଥାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସନ୍ଥ ବୀରବର ଦାସ, ପଞ୍ଚାନନ ବେହେରା, ବିଭୂତି ଭୂଷଣ ସ୍ୱାଇଁ, ହାଡିବନ୍ଧୁ ପ୍ରଧାନ, ଅନୀଲ ଦେହୁରୀ, ନିର୍ମଳ ପ୍ରଧାନ, ପ୍ରତାପ ଦେହୁରୀ, ସନ୍ତୋଷ ସାହୁ, ସୁଦର୍ଶନ ବେହେରା, ଦୀପକ ବେହେରା, ରାକେଶ ଦେହୁରୀ, ରମାକାନ୍ତ ସାହୁ, ଅଭୟ ସାହୁ, ଅଜୟ ସାହୁ, ଅନୀଲ ସାହୁ, ବିକାଶ ଦେହୁରୀ, ବାଉରୀବନ୍ଧୁ ସାମଲ, ମଳୟ ଦାସ, ଗୋପାଳ ସାମଲ, ବାବୁଲି ଦେହୁରୀ, ଦମୟନ୍ତୀ ନନ୍ଦ, ଆନନ୍ଦ ସାହୁଙ୍କ ସମେତ ଶତାଧିକ ରାମଭକ୍ତ ସହଯୋଗ କରିଥିଲେ।

### କେନ୍ଦ୍ର ସରକାରଙ୍କ କଳା ଆଇନ ପ୍ରତ୍ୟାହାର ଦାବି

# ଆଠମଲ୍ଲିକରେ ଜୋରଦାର ଆନ୍ଦୋଳନ

**ଆଠମଲ୍ଲିକ, ୫।୧ (ସମିସ):**



କେନ୍ଦ୍ର ଦ୍ୱାରା ଗାଡ଼ି ଚାଳକମାନଙ୍କ ବିରୁଦ୍ଧରେ ଯେଉଁ କଳା ଆଇନ୍ ସଂସଦରେ ଗୃହୀତ କରାଯାଇଛି, ତାକୁ ପ୍ରତ୍ୟାହାର କରିବା ଦାବି ନେଇ ସାରା ଦେଶରେ ଗାଡ଼ି ଚାଳକମାନଙ୍କ ଯେଉଁ ଆନ୍ଦୋଳନ ଆରମ୍ଭ ହୋଇଛି, ତାହା ଆଜି ଚତୁର୍ଥ ଦିନରେ ପହଞ୍ଚିଛି। ଓଡ଼ିଶା ଡ୍ରାଇଭର ମହାସଂଘର ଆଠମଲ୍ଲିକ ଶାଖା ପକ୍ଷରୁ ଆଜି ଆଠମଲ୍ଲିକ ଠାରେ ଶତାଧିକ ଗାଡ଼ିଚାଳକ ଆନ୍ଦୋଳନରେ ଯୋଗଦେଇ ମୋଦି ସରକାରର ଜନବିରୋଧୀ ଓ ଏକଛତ୍ରବାଦୀ ନୀତିର ବିରୋଧ କରିବା ସହ ସେମାନଙ୍କ ବିରୁଦ୍ଧରେ ଅଣାଯାଇଥିବା କଳା ଆଇନ ତୁରନ୍ତ ପ୍ରତ୍ୟାହାର ନହେଲେ ସାରା ଦେଶରେ ଚକ ଅଖ ବନ୍ଦକରି ଦିଆଯିବ ବୋଲି ଚେତାବନୀ ଦେଇଥିଲେ। ଆଜି ପୂର୍ବାହ୍ନରୁ ଗାଡ଼ି ଚାଳକମାନେ ଆଠମଲ୍ଲିକ ସହରର ହନୁମାନ ବଜାର ଓ ବସଷ୍ଟାଣ୍ଡ ଠାରେ ଏକାଠି ହୋଇ କେନ୍ଦ୍ର ବିରୁଦ୍ଧରେ ବିଭିନ୍ନ ସ୍ଲୋଗାନ ଦେଇ ପ୍ରତିବାଦ ବିକ୍ଷୋଭ କରିଥିଲେ। ପୂର୍ବରୁ ଭାରତୀୟ ଦଣ୍ଡବିଧି ଆଇନର ଧାରା ୩୦୪(କ) ଅନୁଯାୟୀ 'ହିଟ୍ ଆଣ୍ଡ ରନ୍' ଘଟଣାରେ ଅର୍ଥାତ୍ ଦୁର୍ଘଟଣା ପରେ ଚାଳକ ସମ୍ପୃକ୍ତ ସ୍ଥାନ ଛାଡ଼ି ଚାଲିଗଲେ ଏବଂ ଦୁର୍ଘଟଣାର ଶିକାର ବ୍ୟକ୍ତିର ମୃତ୍ୟୁ ହେଲେ ସର୍ବାଧିକ ଦୁଇବର୍ଷ ଜେଲଦଣ୍ଡ ଥିବା ବେଳେ ବର୍ତ୍ତମାନର ସଂଶୋଧିତ ଆଇନ ବା ଭାରତୀୟ ନ୍ୟାୟ ସଂହିତାରେ ଏଥିପାଇଁ ଦଶ ବର୍ଷ ଜେଲଦଣ୍ଡ ଓ ୭ଲକ୍ଷ ଟଙ୍କାର ଜୋରିମାନାର ବ୍ୟବସ୍ଥା ରହିଛି। ସାଧାରଣତଃ ଦୁର୍ଘଟଣାଗୁଡିକ ଚାଳକର ଅନିଚ୍ଛାକୃତ ହେଉଥିବାରୁ ଏବଂ ଦୁର୍ଘଟଣା ଘଟିବା ପରେ ସେଠାରେ ଚାଳକ ରହିବା ତାର ଜୀବନ ପାଇଁ ବିପଦପୂର୍ଣ୍ଣ ଥିବାରୁ ସେମାନେ ଦୁର୍ଘଟଣା ସ୍ଥଳ ଛାଡିଯିବାକୁ ବାଧ ହୋଇଥାନ୍ତି। ଏଭଳି ସ୍ଥିତିରେ ସରକାର ନୂଆ ଆଇନରେ ଚାଳକମାନଙ୍କୁ ଅପରାଧୀ ଭାବେ ଦେଖି ଯେଉଁଭଳି କଠୋର ବ୍ୟବସ୍ଥା ରଖିଛନ୍ତି, ଯାହାଫଳରେ ଚାଳକମାନେ ଆଉ ଗାଡ଼ି ଚଳେଇବା ସମ୍ଭବ ହେବନି। ତେବେ ଗତ ଦୁଇ ତିନି ଦିନ ମଧ୍ୟରେ ଚାଳକମାନଙ୍କ ଆନ୍ଦୋଳନର ଚାପରେ ସରକାର ବର୍ତ୍ତମାନ ପାଇଁ ଆଇନର କାର୍ଯ୍ୟକାରିତାକୁ ସ୍ଥଗିତ ରଖିବାକୁ ଯେଉଁ ପ୍ରତିଶ୍ରୁତି ଦେଇଛନ୍ତି, ତାହା ଅତ୍ୟନ୍ତ ପ୍ରତାରଣାପୂର୍ଣ୍ଣ ମନେହୁଏ। ସରକାର ଆଇନର ଏହି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ବଦଳରେ ସ୍ଥଗିତ ରଖିବାକୁ ସ୍ୱୀକାର ନକରି ସାରା ଦେଶରେ ଚାଳକମାନେ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଆଜିର ଆନ୍ଦୋଳନରେ ଓଡ଼ିଶା ଡ୍ରାଇଭର ମହାସଂଘର ଆଠମଲ୍ଲିକ ଶାଖା ସଭାପତି ଅବନୀ କୁମାର ମେଣ୍ଡୁଲି, ସମ୍ପାଦକ ସତ୍ୟନାରାୟଣ ସାହୁ, ଉପସଭାପତି ରାଜୀବ ଲୋଚନ ସିଂ, କୁନ୍ଦନ ଖାନ୍ ସହ ସମ୍ପାଦକ, ସୀତେଶ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଭାରତୀୟ ଶ୍ରମିକ ସଂଗଠନ, ଇଣ୍ଡିଆନ ଫେଡେରେସନ୍ ଅଫ୍ ଟ୍ରେଡ ୟୁନିଅନସ୍ ବା ଆଇଏଫଟିୟୁର ଜିଲ୍ଲା ସମ୍ପାଦକ ଧର୍ମେନ୍ଦ୍ର ବେହେରା, ଶୂନ୍ୟବାସୀ ମୁଣ୍ଡା, ଦିଲ୍ଲୀପ ଡାଙ୍ଗ, ସନ୍ତୋଷ କୁମାର ସାହୁ, ଜ୍ଞାନରଞ୍ଜନ ଡାଙ୍ଗ, ବୁଦ୍ଧୁ ମୁଣ୍ଡା, କାପୁ ବେହେରା ଓ ଅନ୍ୟମାନେ ଯୋଗ ଦେଇଥିଲେ।

## ତାଳଚେରରେ ଅକ୍ଷତ ଶୋଭାଯାତ୍ରା

**ତାଳଚେର, ୫ ।୧(ସମିସ):** ତାଳଚେର ନଗରରେ ଅକ୍ଷତ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ତାଳଚେର ଟାଉନ ଜଗନ୍ନାଥ ମନ୍ଦିରରୁ ପୂଜାର୍ଚ୍ଚନା କରି ଅକ୍ଷତ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଆଜିଠାରୁ ୧୫ ତାରିଖ ପର୍ଯ୍ୟନ୍ତ ନିଜ ନିଜ ୱାର୍ଡ ସାହି ବସ୍ତିରେ ରାମଭକ୍ତଙ୍କ ଦ୍ୱାରା ଅକ୍ଷତ କଳସ ଘର ଘର ବୁଲି ବିତରଣ କରିବା ସହ ଅଯୋଧ୍ୟାରେ ରାମ ମନ୍ଦିରରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ନିମନ୍ତ୍ରଣ ପତ୍ର ଦିଆଯିବ। ଜାନୁଆରୀ ୨୨ ତାରିଖରେ ଦିନ ୧୧ ରୁ ୧ ଟା ପର୍ଯ୍ୟନ୍ତ ସମସ୍ତ ମନ୍ଦିରରେ ପୂଜାର୍ଚ୍ଚନା କରିବା ସମସ୍ତେ ନିଜ ନିଜ ଘରେ ଦୀପାବଳୀ ପାଳନ କରାଯିବାକୁ ବିବେଦନ କରାଯାଇଛି। ଶ୍ରୀରାମ ଜନ୍ମଭୂମୀ ତୀର୍ଥକ୍ଷେତ୍ର ଅଯୋଧ୍ୟା ତାଳଚେର ନଗର ପକ୍ଷରୁ ସହ ସଂଯୋଜକ ପର୍ଶୁରାମ ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ଶୋଭାଯାତ୍ରାରେ ସଂଘର ଜିଲ୍ଲା କାର୍ଯ୍ୟବାହ ବାବୁଲି ସାମଲ, ନଗର କାର୍ଯ୍ୟବାହ ସୂର୍ଯ୍ୟକାନ୍ତ ମହାନ୍ତି, ଜିଲ୍ଲା ବ୍ୟବସ୍ଥା ପ୍ରମୁଖ ଅଶୋକ ଲାଲ ଅଗ୍ରୱାଲ, ମାୟାଧର ସାହୁ, ସଦର ସଂଯୋଜକ ଅଜୟ ସାହୁ, ଯଯାତି ପଟ୍ଟନାୟକ, ପ୍ରକାଶ ମହାରଣା, କାଳନ୍ଦି ପ୍ରଧାନ, ନିରୋଜ ଦାସଙ୍କ ସମେତ ହଜାର ହଜାର ସଂଖ୍ୟାରେ ରାମଭକ୍ତ ଯୋଗ ଦେଇଥିଲେ।

## ଟ୍ରାକ୍ଟରକୁ ଧକ୍କାଦେଇ ବାଇକ୍ ଆରୋହୀ ଗୁରୁତର

ଆଠମଲ୍ଲିକ, ୫ ।୧(ସମିସ): ଅନୁଗୁଳ ଜିଲ୍ଲା ଅନ୍ତର୍ଗତ ଆଠମଲ୍ଲିକ ଉପଖଣ୍ଡ ବରଗାଁଠାରେ ଏକ ରାସ୍ତା ପାର୍ଶ୍ୱରେ ଟ୍ରାକ୍ଟର ଠିଆ ହୋଇଥିବା ବେଳେ ଆଠମଲ୍ଲିକ ପାର୍ଶ୍ୱରୁ ଏକ ବାଇକ୍ ଆରୋହୀ ଧକ୍କା ହୋଇଥିଲା। ଫଳରେ ବାଇକ୍ ଆରୋହୀ ଗୁରୁତର ହୋଇ ଆଠମଲ୍ଲିକ ମେଡିକାଲରେ ଭର୍ତ୍ତି ହୋଇଥିଲେ। ନଅଗାଁ ଗ୍ରାମର ଧର୍ମ ସାହୁଙ୍କ ପୁଅ ପଞ୍ଚାନନ ସାହୁ (୩୫) ମାଧପୁରରୁ ନିଜ ଘର ନଅଗାଁକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ହୋଇଥିଲା । ସ୍ଥାନୀୟ ଲୋକେ ପ୍ରଥମେ ଉଦ୍ଧାର କରି ଆଠମଲ୍ଲିକ ମୁଖ୍ୟ ଡାକ୍ତରଖାନା ଏବଂ ପରେ ଅନୁଗୁଳ ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ।

## ମଦ୍ୟପାନ କରି ହାରିଲେ ଜୀବନ

**ତାଳଚେର ସଦର, ୫ ।୧(ସମିସ):** ଝାଡ଼ଖଣ୍ଡ ରାଜ୍ୟର ପଶ୍ଚିମ ସିଂହଭୂମି ଜିଲ୍ଲା ମୋନହରପୁର ଥାନା ଅଧୀନସ୍ଥ ପଥଭୂଷା ଗ୍ରାମର ଅରବିନ୍ଦ ନାଏକ (୩୦) ତାଳଚେର ଅଞ୍ଚଳରେ ରହି ବିଭିନ୍ନ କାମଧାମ କରି ପେଟ ପୋଷି ଆସୁଥିଲା। ସେ ଅତ୍ୟଧିକ ମଦ୍ୟପାନ କରି ଦୀର୍ଘ ସମୟ ପଡ଼ିରହିଥିଲା। ତାଙ୍କୁ ସ୍ଥାନୀୟ ଯୁବକ ତାଳଚେର ସରକାରୀ ମଣ୍ଡାପାଳ ଡ଼ାକ୍ତରଖାନାକୁ ନେଇଥିଲେ, ମାତ୍ର ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଡ଼ାକ୍ତରଖାନା ପକ୍ଷରୁ ଜଣାପଡ଼ିଛି।

## ଅସହାୟଙ୍କୁ ଶୀତ ବସ୍ତ୍ର ପ୍ରଦାନ

**ତାଳଚେର, ୫ ।୧(ସମିସ):** ସ୍ଥାନୀୟ ଅଞ୍ଚଳରେ ବିଗତ କିଛି ଦିନ ଧରି ଅତ୍ୟଧିକ ଶୀତର ଲହରୀ ବୃଦ୍ଧି ପାଉଥିବାରୁ ଭିକ୍ଷାବୃତ୍ତି କରି ଚଳୁଥିବା ଓ ଅସହାୟ ଲୋକମାନଙ୍କୁ ତାଳଚେରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୋପବନ୍ଧୁ ମାନବ କଲ୍ୟାଣ ସମିତି ପକ୍ଷରୁ ଶୀତବସ୍ତ୍ର ବିତରଣ କରାଯାଇଛି । ଅନୁଷ୍ଠାନ ପକ୍ଷରୁ ତାଳଚେର ଥର୍ମାଲ ସାପ୍ତାହିକ ହାଟ, ଥର୍ମାଲ ରେଳବାଇ ଷ୍ଟେସନ ପାଖ, ସାଇ ମନ୍ଦିର, ତାଳଚେର ରେଳବାଇ ଷ୍ଟେସନ, ଡେରା, ବଲଣ୍ଡା, ମା' ହିଙ୍ଗୁଳା ମନ୍ଦିର ପରିସର ଆଦି ସ୍ଥାନରେ ଶୀତ ବସ୍ତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ବେଳେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ କେଶବ ଚନ୍ଦ୍ର ମିଶ୍ର, ଅଭୟ କୁମାର ପ୍ରଧାନ, ବଲଭଦ୍ର ସାହୁ, ଉପସଭାପତି ନରେଶ ଚନ୍ଦ୍ର ସ୍ୱାଇଁ, ଜରାଶ୍ରମ ସମ୍ପାଦକ ମଧୁସୁଦନ ସାହୁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

## ଧାନ କଳ ଉଦ୍‌ଘାଟିତ

**ଭୁବନ, ୫।୧(ସମିସ):** ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ ବାଲିବୋ ପଞ୍ଚାୟତ ଲତାବିଲ ଗାଁରେ ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନାରେ ଧାନ କଳ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରଦାନ କରାଯାଇଥିଲା। ଜୟ ମା' ମଙ୍ଗଳା ସ୍ୱୟଂ ସହାୟକ ଗୋଷ୍ଠୀର ଧାନ କଳକୁ ଉଦଘାଟନ କରିଥିଲେ ଆତ୍ମା କମିଟି ସଭାପତି ସୁଧାକର ସାହୁ ଓ କୃଷି ଅଧିକାରୀ ଭାଗ୍ୟଧର। ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ଝିଲି ବେହେରା, ସିଆରସିପି, ବ୍ୟାଙ୍କ୍ ମିତ୍ର ,ଆତ୍ମା କମିଟି ସଦସ୍ୟ ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗଦେଇଥିଲେ ।



## ବିବେକାନନ୍ଦ ଲୋକସଂସଦ ପକ୍ଷରୁ ଆଲୋଚନାଚକ୍ର

**ତାଳଚେର, ୫ ।୧(ସମିସ):** ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଅନୁଗୋଳ ବିଚାରଧାର ଶାଖା ପକ୍ଷରୁ ୪୦ତମ ଇ-ପାଠଚକ୍ର 'ଶ୍ରୀ ଶ୍ରୀ ଦୟାନିଧି ପରମହଂସଙ୍କ ଜୀବନ ଓ ଦର୍ଶନ' ଅନୁଷ୍ଠିତ ହୋଇଯାଇଛି। ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଅନୁଗୋଳ ଶାଖାର ସଭାପତି ଶିକ୍ଷାବିତ୍ ଡ.ପ୍ରଶାନ୍ତ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ବ୍ରହ୍ମଚାରୀ ବିଶ୍ୱମ୍ଭର ଦାସ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବଟକୃଷ୍ଣ ତ୍ରିପାଠୀ ଓଁକାର ବନ୍ଦନା କରିଥିବା ବେଳେ ବିଭୂତି ଭୂଷଣ ସ୍ୱାଇଁ ବିବେକାନନ୍ଦଙ୍କ ଦିବ୍ୟବାଣୀ ପାଠ କରିଥିଲେ। କବୟିତ୍ରୀ ଅନୀତା ପାଣି କାର୍ଯ୍ୟକ୍ରମକୁ ସଂଯୋଜନା କରିଥଲେ। ସଂପାଦକ କୃଷ୍ଣଚନ୍ଦ୍ର ସାହୁ ଶାନ୍ତିପାଠ କରିଥିବା ବେଳେ ଅଧ୍ୟାପକ ନରେଶ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପାଠ୍ୟଚକ୍ରରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ, ଅନୁଗୋଳ ଶାଖା ଉପସଭାପତି ପ୍ରତାପ କୁମାର ତ୍ରିପାଠୀ, ଭବାନୀ ଶଙ୍କର ମିଶ୍ର, ବିପିନ ଶତପଥୀ, ଗୌରପ୍ରିୟ ଦାସ, ପଦ୍ମାବତୀ ମହାପାତ୍ର, ସଂକର୍ଷଣ ଶତପଥୀ, ଉମାକାନ୍ତ ପଣ୍ଡା, ସୋନାଲି ସାହୁ, ହରେକୃଷ୍ଣ ଗିରି, ବିବେକାନନ୍ଦ ଠାକୁର, କଦୋରନାଥ କୁଣ୍ଡୁ, ଜଗନ୍ନାଥ ପଣ୍ଡାଙ୍କ ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ବହୁ ସଦସ୍ୟ, ସଦସ୍ୟା ଯୋଗ ଦେଇଥିଲେ।

## ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**ଅନୁଗୋଳ, ୫ ।୧(ସମିସ):** ଅନୁଗୋଳ ବ୍ଲକର ଶାବଳଭଙ୍ଗା ଗ୍ରାମର ଏକ ପାର୍କଠାରେ ପ୍ରଥମ ବନ୍ଧୁମିଳନ କାର୍ଯ୍ୟକ୍ରମ ହୋଇଯାଇଛି। ଶାବଳ ଭଙ୍ଗା ନୀଳକଣ୍ଠେଶ୍ୱର ଉଚ୍ଚବିଦ୍ୟାଳୟର ୧୯୯୫-୯୬ ମସିହାର ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଦୀର୍ଘ ୨୮ ବର୍ଷ ପରେ ଏକାଠି ହୋଇ ଏକ ଭୋଜି କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସାନ୍ତନୁ ସାହୁ, ନିରଞ୍ଜନ ସାହୁ, ଧର୍ମୁ ସାହୁ,ସଂଯୁକ୍ତା ବେହେରା, ଅନୁସୈୟା ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜନ ହୋଇଥିଲା । ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ସ୍କୁଲ ଶିକ୍ଷକ ଗୋବିନ୍ଦ ପ୍ରଧାନ ଓ ପୂର୍ବତନ ସ୍କୁଲ ଶିକ୍ଷକ ବାବୁଲାଲ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉକ୍ତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ୩୫ରୁ ୪୦ ବନ୍ଧୁ ଓ ସେମାନଙ୍କର ସପରିବାର ଯୋଗ ଦେଇଥିଲେ।

## ଶ୍ରୀରାମ ଜନ୍ମଭୂମି ଅଯୋଧ୍ୟାକୁ ପଦଯାତ୍ରା କଲେ ତାଳଚେରର ଯୁବକ



**ତାଳଚେର, ୫ ।୧(ସମିସ):** ତାଳଚେର ପୌର ପରିଷଦ ଅନ୍ତର୍ଗତ ବଉଲଛକ ନିବାସୀ ବିରେନ୍ ସାହୁଙ୍କ ପୁତ୍ର ଶୁଭମ କୁମାର ସାହୁ ପଦଯାତ୍ରା କରି ଅଯୋଧ୍ୟା ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ସେ ଆସନ୍ତା ଜାନୁଆରୀ ୨୨ତାରିଖ ପୂର୍ବରୁ ଅଯୋଧ୍ୟାରେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛନ୍ତି। ସେ ପିଲାଟି ଦିନରୁ ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କ ଭକ୍ତ ହୋଇଥିବାରୁ ଶ୍ରୀରାମଙ୍କ ବିଗ୍ରହ ପ୍ରତିଷ୍ଠାକୁ ହାତଛଡ଼ା ନକରି ଯୋଗ ଦେବାକୁ ତାଳଚେରରୁ ପ୍ରାୟ ୧୨ଶହ କିମି ରାସ୍ତା ପଦଯାତ୍ରା ପାଇଁ ସ୍ଥିର କରି ଅଯୋଧ୍ୟା ଅଭିମୁଖେ ବାହାରିଛନ୍ତି।

## ସାଆନ୍ଦା ଆଞ୍ଚଳିକ ମହାବିଦ୍ୟାଳୟରେ ପୁରସ୍କାର ବିତରଣ ଉତ୍ସବ



କାମାକ୍ଷାନଗର, ୫।୧(ସମିସ): 'ନୂଆ ଓ' ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ସାନ୍ଦା ଆଞ୍ଚଳିକ ମହାବିଦ୍ୟାଳୟରେ ପୁରସ୍କୃତ କରାଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଶିଶିର କୁମାର ଦେହୁରୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ କେ. ସାହୁ, ଅଧ୍ୟାପକ ପଞ୍ଚାନନ ବେହେରା, ଜଳଧର ରାଉତ, ଶିଶିର କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଓ କର୍ମଚାରୀ ପରିଚାଳନା କରିଥିଲେ।

## ଢେଙ୍କାନାଳ ମଗଜିକୁ ଜିଆଇ ମାନ୍ୟତା ପରେ ଖୁସିର ଲହରି




**ଢେଙ୍କାନାଳ, ୫।୧(ସମିସ):** ଢେଙ୍କାନାଳ ମଗଜିକୁ ଜିଆଇ ମାନ୍ୟତା ପରେ ଜିଲ୍ଲା ପ୍ରଶାସନ ତରଫରୁ ସ୍ୱାଗତ କରାଯାଇଛି। ଜିଲ୍ଲାପାଳ ମନୋରଞ୍ଜନ ମଲ୍ଲିକ ଏଥିପାଇଁ ଜିଲ୍ଲାର ସମସ୍ତ ଅଧିବାସୀ, ମିଠା ବ୍ୟବସାୟୀ ସଙ୍ଘକୁ ଶୁଭେଚ୍ଛା ଜଣାଇଥିଲେ। ସେ କହିଛନ୍ତି ଯେ, ଏହି ମଗଜିର ଆହୁରି ଅଧିକ ପ୍ରଚାର ପ୍ରସାର କିପରି ହେବ, ସେ ଦିଗରେ ଜିଲ୍ଲା ପ୍ରଶାସନ କାର୍ଯ୍ୟ କରିବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଙ୍ଘର କାର୍ଯ୍ୟକର୍ତ୍ତା, ଜିଲ୍ଲା ବାଣିଜ୍ୟ ସଙ୍ଘ, ଏହି ମଗଜିର ପ୍ରଚାର ଦିଗରେ କାର୍ଯ୍ୟକରୁଥିବା କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ଥିଲେ।

## ସାଇକଲରେ ଯୁଧିଷ୍ଠିରଙ୍କ ଅଯୋଧ୍ୟା ଯାତ୍ରା

**ଓଡାପଡ଼ା, ୫।୧(ସମିସ) :** ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ମୋଟଙ୍ଗା ପଞ୍ଚାୟତ ରଞ୍ଜାସିଙ୍ଗା ଗ୍ରାମର ଯୁଧିଷ୍ଠିର ବେହେରା ଆଜି ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବରେ ଯୋଗଦେବାକୁ ସାଇକଲ୍ ଯୋଗେ ଯାତ୍ରା ଆରମ୍ଭ କରିଛନ୍ତି। ମୋଟଙ୍ଗା ପଞ୍ଚାୟତ ସରପଞ୍ଚ ପୁଷ୍ପଲତା ବେହେରା ଓ ପଞ୍ଚାୟତର ସମସ୍ତ ସଦସ୍ୟ ସଦସ୍ୟା ଓ ଅଞ୍ଚଳବାସୀ ପୂଜାର୍ଚ୍ଚନା କରି ଯୁଧିଷ୍ଠିରଙ୍କୁ ସମ୍ବର୍ଦ୍ଧନା କରି ଶୁଭାରମ୍ଭ କରିଥିଲେ। ସମାଜସେବୀ ସୁବାସ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଯାତ୍ରାର ଶୁଭାରମ୍ଭ କରାଯାଇଛି। ସେ ପ୍ରାୟ ୧୪୦୦ କିଲୋମିଟର ସାଇକେଲରେ ଯାତ୍ରା କରିବାକୁ ଲକ୍ଷ୍ୟ ରଖିଛନ୍ତି।

## ମଧ୍ୟ ଓଡ଼ିଶାର ପ୍ରଥମ ପ୍ରଯୁକ୍ତିବିଦ୍ୟାଭିତ୍ତିକ ପ୍ରଦର୍ଶନୀ



**ଅନୁଗୋଳ, ୫।୧ (ସମିସ)**

କେନ୍ଦ୍ରୀୟ ଓଡିଶାରେ ପ୍ରଥମ ଥର ପାଇଁ କ୍ରିଏଟିଭ୍ ଟେକ୍ନୋ କଲେଜ୍ ଟେକଫେଷ୍ଟ- ୧.୦ ଆୟୋଜନ କରିଛି। ଜନସାଧାରଣଙ୍କୁ କୃତ୍ରିମ ବୁଦ୍ଧିମତା ଉପରେ ଆଧାର କରି ସମ୍ପ୍ରତି ବଜାର ଧାରା, ଉତ୍ପାଦ ଏବଂ ସେବା ଉପରେ ଏହି କାର୍ଯ୍ୟକ୍ରମ ଗଭୀର ଅନ୍ତର୍ନିହିତ ସୂଚନା ପ୍ରଦାନ କରିଥିଲା। ଏହି କାର୍ଯ୍ୟକ୍ରମରେ ଭିନ୍ନ ଭିନ୍ନ ବିଦ୍ୟାଳୟ, କଲେଜ ଏବଂ କୋଚିଂ ଅନୁଷ୍ଠାନର ୫୦୦ ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ୧୩ ଟି ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତା ପ୍ରକଳ୍ପ ଏବଂ ୬ ଟି ବ୍ୟବସାୟ ଶ୍ରେଣୀ ମଡେଲ ପ୍ରକଳ୍ପ ଉପସ୍ଥାପନ କରି ରାଜ୍ୟର ସୂଚନା ପ୍ରଯୁକ୍ତିବିଦ୍ୟା ଇକୋ ସିଷ୍ଟମକୁ ବୃଦ୍ଧି କରିବା ସହ ଦୃଢ଼ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ଜିଲ୍ଲା ସୂଚନା ଅଧିକାରୀ ସୁବ୍ରତ କୁମାର ଚାଟାର୍ଜୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଉତ୍ସବକୁ ଉଦଘାଟନ କରି ଛାତ୍ରଛାତ୍ରୀ ଓ ଅଂଶଗ୍ରହଣକାରୀଙ୍କୁ ଉତ୍ସାହିତ କରିଥିଲେ ଏବଂ କହିଥିଲେ ଯେ ଏହି କାର୍ଯ୍ୟକ୍ରମ ଛାତ୍ର ଅଂଶଗ୍ରହଣକାରୀଙ୍କୁ ନେଟୱର୍କ ବିଷୟରେ ଜ୍ଞାନ ଆହରଣ କରିବ, ସହଭାଗୀତା, ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଶିକ୍ଷା, ବଜାର ଅନୁସନ୍ଧାନ, ଅନ୍ତର୍ଦୃଷ୍ଟି ଏବଂ ସେମାନଙ୍କର ମାପକୁ ଉନ୍ନତ କରିବ। ଉକ୍ତ କାର୍ଯ୍ୟକ୍ରମ ଉପରେ ମନ୍ତବ୍ୟ ଦେଇ କ୍ରିଏଟିଭ୍ ଟେକ୍ନୋ କଲେଜର ଚେୟାରମ୍ୟାନ୍ ଜ୍ଞାନେନ୍ଦ୍ର କୁମାର ସାହୁ କହିଛନ୍ତି ଯେ, ଅନୁଗୋଳ ଜିଲ୍ଲାରେ ପ୍ରଥମ ଥର ପାଇଁ ଟେକଫେଷ୍ଟ - ୧.୦ ଆୟୋଜନ କରି ଆମେ ଆନନ୍ଦିତ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆମେ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ। ସେହିପରି କାର୍ଯ୍ୟକ୍ରମରେ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ମାନସ ରଂଜନ ମହାନ୍ତି କହିଛନ୍ତି ଯେ, କୃତ୍ରିମ ବୁଦ୍ଧିମତା, ମେସିନ୍ ଲର୍ନିଂ ଏବଂ ବିଗ୍ ଡାଟା ଭଳି ଟେକ୍ନୋଲୋଜିର ଆବିର୍ଭାବ ସହିତ ସୂଚନା ପ୍ରଯୁକ୍ତିବିଦ୍ୟା ସ୍ଥାନ ଦ୍ରୁତ ପରିବର୍ତ୍ତନ ଘଟୁଛି। ଏହା ସହିତ ଯୁବ ପ୍ରଫେସନାଲ୍ ସୁନୀତା ରାନୀ , କାର୍ଯ୍ୟକ୍ରମର ସଂଯୋଜନା କଲେଜର ଉପାଧ୍ୟକ୍ଷ ତଥା ସୂଚନା ପ୍ରଯୁକ୍ତିବିଦ୍ୟା ପ୍ରଫେସର ଭବାନୀ ଶଙ୍କର ସାହୁ ଏବଂ ପରିଚାଳନା ଅଧ୍ୟାପକ ଶୁଭ୍ରଜ୍ୟୋତି ବେହେରା କରିଥିଲେ, ଟେକ୍ନୋକ୍ରାଟ୍ ଦଳର ପ୍ରମୁଖ ବକ୍ତା ଅଭିଜିତ୍ ଜେନା ବିଭିନ୍ନ ମତ ରଖିଥିଲେ। ବିସିଏ ପ୍ରଥମ ବର୍ଷର ଛାତ୍ରୀ ଆଲିଶା ଦାସ୍ ମଞ୍ଚ ପରିଚାଳନା କରିଥିବା ବେଳେ ଶେଷରେ ଅଧ୍ୟକ୍ଷ କ୍ରିଷ୍ଣାଶିଷ ମିଶ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ। ଉକ୍ତ ଆୟୋଜନରେ ଟେକ୍ନୋକ୍ରାଟ୍ ଦଳର ସଦସ୍ୟ ପ୍ରିୟଦର୍ଶନ ପ୍ରଧାନ, ଶଙ୍କର ଚୈତନ୍ ଜେନା, ଆଶୁତୋଷ ସାହୁ, ଏବଂ ସୂର୍ଯ୍ୟକାନ୍ତ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ସଦାଶିବ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ମହାବିରୋଡ଼, ୫ ।୧(ସମିସ):** କଙ୍କଡାହାଡ଼ ବ୍ଲକ ଘାଗରାମୁଣ୍ଡା ପଞ୍ଚାୟତ ସୁନ୍ଦରମୁଣ୍ଡି ଗ୍ରାମ ଖେଳ ପଡ଼ିଆରେ ସଦାଶିବ କ୍ରିକେଟ କ୍ଲବ ଆନୁକୂଲ୍ୟରେ ୪ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଛି। ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଭାଗ ନେଉଛନ୍ତି। ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ବିଦ୍ୟା ନିକେତନ ସୁନ୍ଦରମୁଣ୍ଡି ପ୍ରଧାନଶିକ୍ଷକ ତ୍ରିଦେବ ମିଶ୍ର ଯୋଗଦେଇ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ସମାଜସେବୀ ଭରତ ସିଂହ, କୁଳମଣି ସିଂହ, ଶଙ୍କର୍ଷଣ ସିଂହ, ବଳଭଦ୍ର ସିଂହ, ନିରଞ୍ଜନ ନାଏକ ଯୋଗ ଦେଇଥିଲେ। ଉଦଘାଟନୀ ଖେଳ ଜରଡ଼ା ଟିମ ସହିତ ଗତରେଇ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଜରଡ଼ା ଟିମ ବ୍ୟାଟିଂ କରି ୧୨ ଓଭରରେ ୧୧୨ ରନ କରିଥିଲା ବେଳେ ଦ୍ୱିତୀୟ ବ୍ୟାଟିଂ କରି ଗତରେଇ ଟିମ ୯ ଓଭରରେ ୭୫ ରନ କରି ପରାଜୟ ହେଇଥିଲା। ଜରଡ଼ା ଟିମ ବିଜୟୀ ହେଇଥିଲା। ସେହିପରି ଦ୍ୱିତୀୟ ଖେଳ ତୋରଡ଼ାନାଳୀ ସହିତ କର୍ଣ୍ଣପାଳ ମଧ୍ୟରେ ହୋଇଥିଲା। ପ୍ରଥମେ କାର୍ଣ୍ଣପାଳ ୧୦ ଉଭରରେ ୭୮ ରନ କରିଥିଲା ବେଳେ ତୋରଡ଼ାନାଳୀ ୧୦ ଉଭରରେ ୭୫ ରନ କରି ପରାଜୟ ହୋଇଥିଲା। ଖେଳ ପରିଚାଳନା କରିଥିଲେ କମଳ ସିଂହ, ସୂର୍ଯ୍ୟକାନ୍ତ ସିଂହ। ଧାରାବିବରଣୀ ପ୍ରଦାନ କରିଥିଲେ ତିରଞ୍ଜନ ସିଂହ। ସହଯୋଗ କରିଥିଲେ ସଦାଶିବ କ୍ରିକେଟ କ୍ଲବର ଶ୍ରବଣ ସିଂହ, ଗୌତମ ସିଂହ, ବାଦଲ ସିଂହ ସହିତ ଅନ୍ୟାନ୍ୟ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



